নିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ...


ବାଲେଶ୍ୱର ❑ ବୁଧବାର ୨୪ ଡିସେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 24 December 2025
Vol.No. 36 ■ No.338 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


## ୨୨ ମାଓବାଦୀଙ୍କ ଆତ୍ମ ସମର୍ପଣ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ମାଓବାଦୀ ଦମନ ଅଭିଯାନରେ ଓଡ଼ିଶା ପୋଲିସକୁ ଆଜି ଏକ ବଡ ସଫଳତା ମିଳିଛି। ମାଲକାନଗିରି ଜିଲ୍ଲା ପୋଲିସ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରି ସମାଜ ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ସଦସ୍ୟ (ଡିଭିସିଏମ୍), ୦୬ ଜଣ ଏରିଆ କମିଟି ସଦସ୍ୟ (ଏସିଏମ୍) ସମେତ ପାର୍ଟି ମେମ୍ବର ସାମିଲ ରହିଛନ୍ତି । ଏହା ବ୍ୟତୀତ ସେମାନଙ୍କ ମଧ୍ୟରେ ୧୦ ଜଣ ମହିଳା କ୍ୟାଡ଼ର ମାଓବାଦୀ ରହିଛନ୍ତି । ଏହା ସହ ୦୧ଟି ଏକେ-୪୭ ରାଇଫଲ୍, ୦୨ଟି ଇନସାସ୍ ରାଇଫଲ୍, ୭.୬୨ ଏମ୍ଏମ୍ ଏସଏଲଆର ରାଇଫଲ୍, ୩ଟି .୩୦୩ ରାଇଫଲ୍ ଏବଂ ୦୨ଟି ସିଙ୍ଗଲ୍-ସଟ୍ ରାଇଫଲ୍, ୧୫୦ ରାଉଣ୍ଡ ଜୀବନ୍ତ ଗୁଳି, ୯ଟି ମାଗାଜିନ୍, ୨୦ କିଲୋ ବିସ୍ଫୋରକ, ୧୩ଟି ଆଇଇଡି ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଲିସ ନିକଟରେ ହସ୍ତାନ୍ତର କରିଥିଲେ। ଆତ୍ମ ସମର୍ପଣ କରିଥିବା ମାଓବାଦୀମାନେ ହେଉଛନ୍ତି:- ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ଡିସିଏମ, କମାଣ୍ଡର ଲିଙ୍ଗେ ଓରଫ ମୁୟେ ମଡକାମ ଏବଂ ଏସିଏମ, କମାଣ୍ଡର, ବାମନ ମଡକାମ, ଏରିଆ କମିଟି ମେମ୍ବର (ଏସିଏମ), ସୁକ୍ମା ମୁଚାକି, ଆଇତୁ ଆଉଲାମି,କୋସା କାବାସି, ବତି ମାଡ଼କାମ ଓରଫ ଅଞ୍ଜୁ, ଜୋଗି ମୁଚାକି, ରିତା ପୋଡିଆମ, ଜୋଗୀ ସୋଡି, ଭୀମେ କଲମୁ, ମଙ୍ଗଲି ବାଞ୍ଜାମି, ଜୋଗା ମୁଚାକି, ଆଡମେ ମୁଚାକି, ମାଡଭି କୋସା, କୁଞ୍ଜାମ ଉରା, ମାଡା ମାଡଭି, ମୁଚାକି ଆଡମା, ଦେବା ମାଡଭି, ଅର୍ଜୁନ ମାଡଭି, ଆନ୍ଧ୍ର-ଓଡ଼ିଶା ବୋର୍ଡର ସ୍ପେଶାଲ ଜୋନାଲ କମିଟିର ୨ ଜଣ ସାଗର ଓରଫ ସନ୍ନା ପୁନେମ, ସୋମେୟ ମିଡିଆମ୍ ଏବଂ ଗଡଚିରଲି ଏରିଆ କମିଟିର ଅନିଲା ଓରଫ ବୁଦ୍ରି ମିଡିଆମ୍ ।

# ୧୫୦ ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

## ହସ୍ପିଟାଲ ଯିବାକୁ ଆଉ ହନ୍ତସନ୍ତ ହେବେନି ରୋଗୀ





ଭୁବନେଶ୍ୱର, ୨୩/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳିଙ୍ଗ ଷ୍ଟାଡିୟମରେ ୧୫୦ ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଓଡିଶା ସିଏମଓ କାର୍ଯ୍ୟାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଏହି ଆମ୍ବୁଲାନ୍ସଗୁଡ଼ିକ ଏକ ବୃହତ ପଦକ୍ଷେପର ଅଂଶ। ରାଜ୍ୟବାସୀଙ୍କ ପାଇଁ ୪୨୮ଟି ନୂତନ ୧୦୮-ଆମ୍ବୁଲାନ୍ସ ଆବଣ୍ଟିତ ହୋଇଛି, ଯାହା ମଧ୍ୟରୁ ୪୧୯ଟି ପୁରୁଣା ଏବଂ ୨ଟି ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଛି। ନୂତନ ଆମ୍ବୁଲାନ ଗୁଡ଼ିକରେ ବିମାନବନ୍ଦର/ବିମାନ ଷ୍ଟ୍ରିପ୍ ବ୍ୟବହାର ପାଇଁ ୫ଟି ଆଡଭାନ୍ସଡ୍ ଲାଇଫ୍ ସପୋର୍ଟ ଯାନ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ ପାଇଁ ୨ଟି ALS ଆମ୍ବୁଲାନ୍ସ ଅନ୍ତର୍ଭୁକ୍ତ ରହିଛି। ବର୍ତ୍ତମାନ, ପ୍ରତିଦିନ ପ୍ରାୟ ୫,୦୦୦ ରୋଗୀଙ୍କୁ ୧୦୮-ଆମ୍ବୁଲାନ୍ସ ସେବା ମାଧ୍ୟମରେ ସାରା ଓଡ଼ିଶାର ବିଭିନ୍ନ ହସ୍ପିଟାଲକୁ ପରିବହନ କରାଯାଉଛି। ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ରାଜ୍ୟ ସରକାର ଜରୁରୀକାଳୀନ ଆମ୍ବୁଲାନ୍ସ ସେବାକୁ ବୃଦ୍ଧି କରିବା ପାଇଁ ପୁରୁଣା ଆମ୍ବୁଲାନ୍ସଗୁଡ଼ିକୁ ନୂତନ ଆମ୍ବୁଲାନ୍ସ ସହିତ ଧୀରେ ଧୀରେ ବଦଳାଉଛି। ସ୍ୱାସ୍ଥ୍ୟସେବା ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ, ୧୦୮-ରଗଇଡ଼ ଆମ୍ବୁଲାନ୍ସ କିଣାଯାଉଛି। ରାଜ୍ୟ ସରକାର ୪୨୮ ଆମ୍ବୁଲାନ୍ସ ପାଇଁ ୧୧୧ କୋଟି ଖର୍ଚ୍ଚ କରିଛନ୍ତି। ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ଓଡ଼ିଶାର ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି। ରାଜ୍ୟବାସୀଙ୍କ ଜରୁରୀକାଳୀନ ଚିକିତ୍ସା ସେବା ନିମନ୍ତେ ମୋଟ ୪୨୮ଟି ନୂତନ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ଏହାର ପ୍ରଥମ ପର୍ଯ୍ୟାୟରେ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୫୦ଟି ଆମ୍ବୁଲାନ୍ସର ଲୋକାର୍ପଣ କଲି। ଏହି ପଦକ୍ଷେପ ଆମର ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାକୁ ଅଧିକ ବ୍ୟାପକ କରିବା ସହ ରାଜ୍ୟର କୋଣ ଅନୁକୋଣରେ ତ୍ୱରିତ ଚିକିତ୍ସା ସହାୟତା ପହଞ୍ଚାଇବାରେ ଅତ୍ୟନ୍ତ ସହାୟକ ହେବ। ଏହି ଜୀବନ ରକ୍ଷାକାରୀ ଯାନଗୁଡ଼ିକ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଆପଦକାଳୀନ ସମୟରେ ଜନସାଧାରଣଙ୍କ ପାଇଁ ଏକ ଭରସାର ସାଥୀ ହୋଇ ଛିଡ଼ା ହେବ। ଲୋକଙ୍କ ସରକାର ଓଡ଼ିଶାବାସୀଙ୍କୁ ଶ୍ରେଷ୍ଠ ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସର୍ବଦା ସଂକଳ୍ପବଦ୍ଧ। ଆସନ୍ତୁ, ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ସମୃଦ୍ଧ ଓଡ଼ିଶା ଗଠନ କରିବା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ସ୍ୱାସ୍ଥ୍ୟ ବିଭାଗ କମିସନର-କମ-ସଚିବ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି, ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଚଳଚଞ୍ଚଳ ରାଜଧାନୀ ଠପ୍: ହାତଗୋଡ଼ କୋଲ ମାରିଲା, ତାପମାତ୍ରା ୧୧.୯ ଡିଗ୍ରିକୁ ଖସିଲା



ଭୁବନେଶ୍ୱର, ୨୩/୧୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରର ତାପମାତ୍ରା କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। ମଙ୍ଗଳବାର ସର୍ବନିମ୍ନ ତାପମାତ୍ରା ୧୧.୯ ଡିଗ୍ରି ସେଲସିୟସକୁ ଖସି ଆସିଛି। ଗତ ତିନି ଦିନ ମଧ୍ୟରେ ରାଜଧାନୀ ତାପମାତ୍ରା ୩.୨ ଡିଗ୍ରି ସେଲସିୟସ ହ୍ରାସ ପାଇଛି। ଫଳରେ ଚଳଚଞ୍ଚଳ ଭୁବନେଶ୍ୱରର ଜୀବନଯାତ୍ରା ଠପ୍ ହୋଇଯାଇଛି। ହାତଗୋଡ଼ କୋଲ ମାରିଯାଉଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ରାଜଧାନୀ ଭୁବନେଶ୍ୱରର ତାପମାତ୍ରା କମ୍ରାଗତ କମିବାରେ ଲକଗିଛି। ଡିସେମ୍ବର ୨୧ ତାରିଖରେ ରାଜଧାନୀର ସର୍ବନିମ୍ନ ତାପମାତ୍ରା ୧୫.୧ ଡିଗ୍ରି ସେଲସିୟସଥିଲା। ଡିସେମ୍ବର ୨୨ ତାରିଖରେ ଏହା କମି ୧୩.୬ ଡିଗ୍ରି ସେଲସିୟସ ହୋଇଥିଲା। ସେହିପରି ଡିସେମ୍ବର ୨୩ ତାରିଖରେ ତାପମାତ୍ରା ୧୧.୯ ଡିଗ୍ରି ରେକର୍ଡ କରାଯାଇଛି। ଆଇଏମଡି ପୂର୍ବାନୁମାନ ଅନୁଯାୟୀ, ଖ୍ରୀଷ୍ଟମାସଠାରୁ ଶୁଖିଲା, ଥଣ୍ଡା ଉତ୍ତର-ପଶ୍ଚିମ ପବନ ବହିବା ସହିତ ରାଜଧାନୀର ତାପମାତ୍ରା ପୁଣି କମିବ। ଏହା ସହିତ ଆର୍ଦ୍ରତାଯୁକ୍ତ ବାୟୁ ସଞ୍ଚାଳନ ଯୋଗୁ ଘନ କୁହୁଡ଼ି ବଢ଼ିବ ବୋଲି ଆଇଏମଡି ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଘନ କୁହୁଡ଼ି ଦୃଶ୍ୟମାନତାକୁ ହ୍ରାସ କରି ଦୈନନ୍ଦିନ କାର୍ଯ୍ୟକଳାପକୁ ପ୍ରଭାବିତ କରିପାରେ ବୋଲି ◆◆ପୃଷ୍ଠା ୭

## ପଛୁଆବର୍ଗଙ୍କ ପାଇଁ ପୁଣି ଆଗକୁ ଆସିଲେ ଧର୍ମେନ୍ଦ୍ର: ମୁଖ୍ୟମନ୍ତ୍ରୀଙ୍କ ପରେ କେନ୍ଦ୍ର ବିଭାଗୀୟ ମନ୍ତ୍ରୀଙ୍କୁ ଲେଖିଲେ ଚିଠି



ଭୁବନେଶ୍ୱର, ୨୩/୧୨ (ନି.ପ୍ର): ରାଜ୍ୟରେ ପଛୁଆ ବର୍ଗ ପାଇଁ ପୁଣି ଚିନ୍ତା ପ୍ରକଟ କରିଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ପଛୁଆ ବର୍ଗଙ୍କ ପାଇଁ କମିସନ୍ ଗଠନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମେ ଚିଠି କରିବା ପରେ ଏବେ ରାଜ୍ୟର ୧୦୮ଟି ଏସଇବିସି ସମୁଦାୟଙ୍କୁ ପଛୁଆବର୍ଗ ତାଲିକାରେ ସାମିଲ କରିବାକୁ କେନ୍ଦ୍ର ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ । ପଛୁଆ ବର୍ଗଙ୍କ ପାଇଁ ସ୍ୱର ଆହୁରି ଶାଣିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । କେତେ ବେଳେ ଓବିସି କମିସନ୍ ତ କେତେବେଳେ ମୁଖ୍ୟମନ୍ତ୍ରୀ । ଆଉ କେତେବେଳେ ବିଭାଗୀୟ ମନ୍ତ୍ରୀ । ପୂର୍ବରୁ ବାରମ୍ବାର ଚିଠି ଲେଖି ପଛୁଆ ବର୍ଗଙ୍କ ଦାବି ଓ ହକ୍ ସମ୍ପର୍କରେ ଅବଗତ କରାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଶାର ୧୦୮ଟି ଏସ୍ଇବିସି ସମୁଦାୟଙ୍କୁ କେନ୍ଦ୍ରୀୟ ଓବିସି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡାକ୍ତର ବୀରେନ୍ଦ୍ର କୁମାରଙ୍କୁ ଚିଠି ଲେଖିଛନ୍ତି । ଏସ୍ଇବିସି ସମୁଦାୟ, କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । କେନ୍ଦ୍ରୀୟ ତାଲିକାରେ ଏହି ସମ୍ପ୍ରଦାୟର ଜାତି/ଉପଜାତି/ବର୍ଗର ଲୋକଙ୍କୁ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କର ଆର୍ଥିକ ଓ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହେବ । ଧର୍ମେନ୍ଦ୍ର ଚିଠି ପରେ ତେଜିଛି ରାଜନୀତି । ଡବଲ୍ ଇଞ୍ଜିନ ସରକାର ଥାଇ କାହିଁକି ପଛୁଆବର୍ଗଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିପାରିନାହିଁ । କେବଳ ଚିଠିରେ ସୀମିତ ନରହି ଏହାର ସମାଧାନ ଦିଗରେ କାମ କରିବାକୁ କହିଛନ୍ତି ବିରୋଧୀ । ◆◆ପୃଷ୍ଠା ୭

## ୨୪ରେ ରାଜ୍ୟ କ୍ୟାବିନେଟ: ୭ଟି ପ୍ରସ୍ତାବକୁ ମିଳିପାରେ ଅନୁମୋଦନ



ଭୁବନେଶ୍ୱର, ୨୩/୧୨ (ନି.ପ୍ର): ରାଜ୍ୟର ସର୍ବାଙ୍ଗୀନ ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୨୪ ତାରିଖରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବାକୁ ରହିଛି। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୫ଟାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ସାଧାରଣ ପ୍ରଶାସନ, ଅର୍ଥ, ସ୍ୱାସ୍ଥ୍ୟ, ନଗର ଉନ୍ନୟନ ଓ ଜଳସମ୍ପଦ ଭଳି ବିଭିନ୍ନ ବିଭାଗର ପ୍ରାୟ ୭ଟି ପ୍ରସ୍ତାବ ଅନୁମୋଦନ ଅପେକ୍ଷାରେ ରହିଛି। ସୂଚନାଯୋଗ୍ୟ, ଓଡ଼ିଶାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଭାଜପା ସରକାରଙ୍କ ପକ୍ଷରୁ ଜୋରସୋର ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପ୍ରତ୍ୟେକ ବିଭାଗକୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବାକୁ କୁହାଯିବା ସହିତ ବଜେଟ ବ୍ୟୟ ଅଟକଳକୁ ସମୟ ଭିତରେ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ନେଇ ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ଯାଇ 'ସୁଭଦ୍ରା' ଯୋଜନା କାର୍ଯ୍ୟକାରୀ କରିଥିବାବେଳେ କୃଷକଙ୍କ ଲାଗି ଇନ୍‌ପୁଟ ସବ୍‌ସିଡି ଏବଂ ୮୦ବର୍ଷରୁ ଊର୍ଦ୍ଧ୍ୱ ବୃଦ୍ଧା/ବୃଦ୍ଧଙ୍କୁ ୩,୫୦୦ଟଙ୍କା ଭତ୍ତା ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ତେବେ ୨୪ରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟରେ ସରକାର ରାଜ୍ୟବାସୀଙ୍କ ବିକାଶକୁ ଦୃଷ୍ଟିରେ ରଖି କେଉଁଭଳି ପ୍ରସ୍ତାବକୁ ଅନୁମୋଦନ କରାଯାଉଛି, ତାହା ଦେଖିବାକୁ ରହିଛି।

## ଦୋଛକିରେ ମହାନଦୀର ଭାଗ୍ୟ ଓ ଭବିଷ୍ୟତ: ଛତିଶଗଡ଼ ପଟେ ପାଣି ପାଣି, ଓଡ଼ିଶା ପଟେ ଖାଲି ବାଲି



ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଛତିଶଗଡ ସହ ଆପୋସ ଆଲୋଚନାରେ ହେବ ମହାନଦୀର ସମାଧାନ । ମୋହନ ସରକାର ବାରମ୍ବାର ଏଭଳି ଦମ୍ଭୋକ୍ତି ଦେଖାଉଥିବା ବେଳେ ଉଚ୍ଚସ୍ତରୀୟ କମିଟି ସଦସ୍ୟଙ୍କ ମଧ୍ୟରେ କିନ୍ତୁ ଏନେଇ ସହମତି ହୋଇପାରିନି । ଯାହା ମହାନଦୀର ଭାଗ୍ୟ ଓ ଭବିଷ୍ୟତକୁ ପୁଣିଥରେ ଅନ୍ଧକାରକୁ ଠେଲି ଦେଇଛି । ମହାନଦୀ ବିବାଦ ଭିତରେ ବସିଛି ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକ । ଉପମୁଖ୍ୟମନ୍ତ୍ରୀ କେ.ଭି ସିଂଦେଓଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଆପୋଷ ଆଲୋଚନାରେ ସମାଧାନ ପାଇଁ ସହମତି ହୋଇପାରିନଥିଲେ ବି ମତାମତ ନେଇଛି କମିଟି ।

◆◆ପୃଷ୍ଠା ୭

## ବକେୟା ଫାଇନ୍ ଥିଲେ ମିଳିବନି ପ୍ରଦୂଷଣ ସାର୍ଟିଫିକେଟ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ପ୍ରଦୂଷଣ ସାର୍ଟିଫିକେଟ୍ ବାହାର କରିବାକୁ ଯାଉଛନ୍ତି କି । ଏହା ପୂର୍ବରୁ ପୈଠ କରି ନିଅନ୍ତୁ ପୁରୁଣା ବକେୟା ଫାଇନ୍। ଏହା ନଥିଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ମୁସକିଲ୍ । ପ୍ରଦୂଷଣ ସାର୍ଟିଫିକେଟ୍ ନଥିଲେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ଏବଂ ଡିଜେଲ ନମିଳିବା ନେଇ ରାଜ୍ୟ ପରିବହନ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ପରେ ଏବେ ସବୁ ପ୍ରଦୂଷଣ ସାର୍ଟିଫିକେଟ୍ କେନ୍ଦ୍ରରେ ଗହଳି । ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କରିବା, ଏ ନିୟମର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଉଥିଲେ ବି ଏହା ପଛର ରହିଛି ଆଉ ଏକ ବଡ଼ ରହସ୍ୟ। ପୂର୍ବ ଫାଇନ୍ ବକେୟା ଥିଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବନି ବୋଲି କହିଛନ୍ତି ପ୍ରଦୂଷଣ ସାର୍ଟିଫିକେଟ୍ ପ୍ରସ୍ତୁତକାରୀ । ପରିବହନ ବିଭାଗର ତଥ୍ୟ ଅନୁଯାୟୀ, ହଜାର ହଜାର ଗାଡ଼ି ମାଲିକଙ୍କ ନାଁରେ ପୂର୍ବରୁ ଅନେକ ଟ୍ରାଫିକ୍ ଫାଇନ୍ ବକେୟା ପଡ଼ିଛି । ଯାହାକୁ ବର୍ଷ ବର୍ଷ ଧରି ପଇଠ କରୁନାହାନ୍ତି ଗାଡ଼ି ଚାଳକ ।

## ଉତ୍କଟ ବାୟୁ ପ୍ରଦୂଷଣ ଓ ଘନ କୁହୁଡ଼ି ପାଇଁ ରୁନ୍ଧି ହେଲାଣି ରାଜଧାନୀ: ନାକେଦମ୍ ଦିଲ୍ଲୀବାସୀ

ନୂଆଦିଲ୍ଲୀ,୨୩/୧୨ : ଚାରିଆଡ଼େ ଧୂଆଁଧୂଆଁ । ସବୁଠି ଘନ କୁହୁଡ଼ି । ଦୃଶ୍ୟମାନ ଦୂରତା ମଧ୍ୟ ଯଥେଷ୍ଟ ହ୍ରାସ। ଡାକେ ବାଟ ବି ଦେଖା ଯାଉନି । ଉତ୍କଟ ବାୟୁ ପ୍ରଦୂଷଣ ଓ ଘନ କୁହୁଡ଼ି ପାଇଁ ରୁନ୍ଧି ହୋଇଗଲାଣି ରାଜଧାନୀ ଦିଲ୍ଲୀ । ପ୍ରଦୂଷଣ ହ୍ରାସ ପାଇଁ ନିଆଯାଉଛି ବ୍ୟାପକ ପଦକ୍ଷେପ, ଗାଡ଼ି ଚଳାଚଳ ଓ ନିର୍ମାଣ କାମ ଉପରେ କଟକଣା ବି ଲାଗିଛି । ତଥାପି ସୁଧୁରୁନି ସ୍ଥିତି । ଘନ କୁହୁଡ଼ି ଓ ଉତ୍କଟ ବାୟୁ ପ୍ରଦୂଷଣରେ ରୁନ୍ଧି ହୋଇଗଲାଣି ଦେଶର ରାଜଧାନୀ ଦିଲ୍ଲୀ । ଘନ କୁହୁଡ଼ି ଯୋଗୁ ଦୃଶ୍ୟମାନ ଦୂରତା ମଧ ହ୍ରାସ ପାଇଛି । ଅତି ଖରାପ ରହିଛି ବାୟୁ ଗୁଣବତ୍ତା । ଆଜି ସକାଳ ୭ଟା ସୁଦ୍ଧା ଦିଲ୍ଲୀରେ ସାମଗ୍ରିକ ବାୟୁ ଗୁଣବତ୍ତା ସୂଚକାଙ୍କ - ଏକ୍ୟୁଆଇ ୪୧୪ ଥିଲା । କେତେକ ସ୍ଥାନରେ ଏହା ଯଥେଷ୍ଟ ଅଧିକ ରହିଥିଲା । ଆନନ୍ଦ ବିହାରରେ ୪୬୬, ମୁନ୍ଦକାରେ ୪୫୧, ଅଶୋକ ବିହାରରେ ୪୪୪ ଏବଂ ଆଇଟିଓ ଅଞ୍ଚଳରେ ଏକ୍ୟୁଆଇ ଥିଲା ୪୩୬ । ଇଣ୍ଡିଆ ଗେଟ୍, କର୍ତ୍ତବ୍ୟ ପଥ ଓ ରାଷ୍ଟ୍ରପତି ଭବନ ଅଞ୍ଚଳରେ ଘନ କୁହୁଡ଼ି ସାଙ୍ଗକୁ ୪ ଶହ ◆◆ପୃଷ୍ଠା ୭

## ବାଂଲାଦେଶରେ ବଢୁଛି ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର



ନୂଆଦିଲ୍ଲୀ,୨୩/୧୨ : ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଅତ୍ୟାଚାର କରୁଛି । ରାସ୍ତାରେ ନିରୀହ ହିନ୍ଦୁମାନଙ୍କୁ ହତ୍ୟା କରାଯାଉଛି । ବାଂଲାଦେଶରେ ଭାରତୀୟ ଉଚ୍ଚାୟୋଗ ଉପରେ ଆକ୍ରମଣ ହେଉଛି । କିନ୍ତୁ ଓଲଟି ବାଂଲାଦେଶ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତଲବ କରୁଛି । ବାହାନା ହେଉଛି ଭାରତରେ ଥିବା ବାଂଲାଦେଶ ଦୂତାବାସ ଉପରେ ଆକ୍ରମଣ ହେଉଛି । ବିଶ୍ୱ ହିନ୍ଦୁ ପରିଷଦ ଆଜି ଅର୍ଥାତ୍ ଡିସେମ୍ବର ୨୩, ୨୦୨୫ରେ ଦିଲ୍ଲୀରେ ପ୍ରତିବାଦ କରୁଛି । ନିକଟରେ ବାଂଲାଦେଶରେ ଜଣେ ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ରଙ୍କୁ ହତ୍ୟା କରାଯାଇଥିଲା, ଏହାର ପ୍ରତିବାଦରେ ଏହି ବିକ୍ଷୋଭ କରାଯାଉଛି । ପୀଡିତ ପରିବାରକୁ ନ୍ୟାୟ ଦାବି କରି ବିଶ୍ୱ ହିନ୍ଦୁ ପରିଷଦର କର୍ମୀମାନେ ଆଜି ସକାଳ ୧୧ଟାରୁ ବାଂଲାଦେଶ ହାଇକମିସନ ବାହାରେ ଏକାଠି ହୋଇଛନ୍ତି । କିନ୍ତୁ ଏହାକୁ ବାଂଲାଦେଶ ନିଜ ଦୂତାବାସ ଉପରେ ଆକ୍ରମଣ ବୋଲି ଭାବୁଛି ଓ ଏଥିପାଇଁ ଭାରତୀୟ ଉଚ୍ଚାୟୁକ୍ତଙ୍କୁ ତଲବ କରିଛି । ମଙ୍ଗଳବାର ସକାଳ ୧୦ଟା ପୂର୍ବରୁ ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ◆◆ପୃଷ୍ଠା ୭

## ନେସନାଲ୍ ସ୍କୁଲ୍ ଅଫ୍ ଡ୍ରାମା ଏବଂ ସ୍ପିରିଟଜା ଆନୁକୂଲ୍ୟରେ କେନ୍ଦୁଝରରେ ଉଦ୍‌ଘାଟିତ ହେଲା ଆକ୍ଟିଙ୍ଗ ୱାର୍କଶପ

କେନ୍ଦୁଝର,୨୩/୧୨ (ନି.ପ୍ର): ନେସନାଲ୍ ସ୍କୁଲ୍ ଅଫ୍ ଡ୍ରାମା ଏବଂ ସ୍ପିରିଟଜା ଆନୁକୂଲ୍ୟରେ ଆକ୍ଟିଙ୍ଗ ୱାର୍କଶପ ଉଦ୍ଘାଟନୀ ଉତ୍ସବରେ ନେସନାଲ ସ୍କୁଲ ଅଫ ଡ୍ରାମା ର କୁଳ ସଚିବ ପ୍ରଦୀପ କୁମାର ମହାନ୍ତି , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିର୍ମୟ ଭୁକ୍ତା ଅତିଥି ରୂପେ ଯୋଗ ଦେଇଥିଲେ । ଦେଶର ବିଭିନ୍ନ ରାଜ୍ୟ ତଥା କେନ୍ଦୁଝର ଜିଲ୍ଲାର ୩୦ ଜଣ କଳାକାରଙ୍କୁ ଏଠାରେ ସୁନାମଧନ୍ୟ ଏନ ଏସ ଡି ପ୍ରଶିକ୍ଷକ ମାନଙ୍କ ଦ୍ୱାରା ପ୍ରଶିକ୍ଷଣ ଦେବା ପରେ ସମାରୋପ କାର୍ଯ୍ୟକ୍ରମ ଦିନ ଏକ ସୁନ୍ଦର ନାଟକ ପରିବେଷଣ କରାଯିବ ବୋଲି ନେସନାଲ୍ ସ୍କୁଲ୍ ଅଫ୍ ଡ୍ରାମାର କୁଳସଚିବ ପ୍ରଦୀପ କୁମାର ମହାନ୍ତି ସୂଚନା ଦେଇଛନ୍ତି ।ଏଇ ଗୋଟେ ମାସ କର୍ମଶାଳାର ଆକ୍ଟିଂ ଶିକ୍ଷା ପିଲାମାନଙ୍କୁ ଜୀବନ ଶୈଳୀରେ ଅନେକ ପରିବର୍ତ୍ତନ ଆଣିବ । ଯାହାକି ତାଙ୍କୁ ସବୁ କ୍ଷେତ୍ରରେ ସାହାଯ୍ୟ କରିବ ।କେନ୍ଦୁଝରରେ ଥିଏଟର ଏକ୍ଟିଙ୍ଗକୁ ପ୍ରଚାର ପ୍ରସାର କରିବା ଏବଂ କେନ୍ଦୁଝରର ଲୁକ୍କାୟିତ ପ୍ରତିଭା ମାନଙ୍କୁ ଉନ୍ନତ ମାନ ର ଶିକ୍ଷା ମିଳୁ ଏହା ହି ସ୍ପିରିଟଜା ଏକାଡେମୀ ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏହି ଏକାଡେମୀର ନିର୍ଦ୍ଦେଶିକା ଶ୍ରୀମତୀ ପ୍ରଗତିକା ମହାନ୍ତି କହିଛନ୍ତି । ଏହି ପ୍ରୋଗ୍ରାମ କୁ ସଫଳ କରାଇବା ରେ ଆର୍ଯ୍ୟାନ୍ ରାୟ, ବଳଭଦ୍ର ପାଢ଼ୀ, ଚିତ୍ତରଞ୍ଜନ ବେହେରା ଏବଂ ଶୁଭେନ୍ଦୁ ଚକ୍ର ସହଯୋଗ କରିଥିଲେ ।

## ପିଏମଶ୍ରୀ ସରକାରୀ ନୋଡାଲ ହାଇସ୍କୁଲର ୫୦ତମ ବାର୍ଷିକ ଉତ୍ସବ

ମାଲକାନଗିରି,୨୩/୧୨ (ନି.ପ୍ର): ପିଏମଶ୍ରୀ ସରକାରୀ ନୋଡାଲ ହାଇସ୍କୁଲ ମାଲକାନଗିରିର ୫୦ତମ ବାର୍ଷିକ ଉତ୍ସବ ଆଜି ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସଭା ପରିଚାଳନା ବିଷ୍ଣୁ ପ୍ରସାଦ ସୁବୁଦ୍ଧିଙ୍କ ଦ୍ୱାରା କରାଯାଇଥିଲା । ଏଥିରେ ମୁଖ୍ୟବକ୍ତା ଭାବେ ଅଶୋକ କୁମାର ପଟ୍ଟନାୟକ, ( ପ୍ରାଧିକରଣ ଆଇନର ପ୍ରତିରକ୍ଷା ମୁଖ୍ୟ) ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଭାଗିରଥି ବେହେରା, ମହିଳା ମହା ବିଦ୍ୟାଳୟର ଅଧକ୍ଷ ଦୁଷ୍ମନ୍ତ ଜେନା, ମାଲକାନଗିରି ମହା ବିଦ୍ୟାଳୟର ବାଣିଜ୍ୟ ବିଭାଗର ମୁଖ୍ୟଅଧାପକ ଡଃ. ରଞ୍ଜନ କୁମାର ସ୍ୱାଇଁ, ସାମ୍ବାଦିକ ରତ୍ନାକର ଦାଶ ଯୋଗଦେଇଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ, ନାଟକ ପରିବେଷଣ କରିଥିଲେ । ଶିକ୍ଷା, କ୍ରୀଡ଼ା ଓ ସହପାଠ୍ୟ କାର୍ଯ୍ୟକଳାପରେ ଉତ୍କୃଷ୍ଟତା ଦେଖାଇଥିବା ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଗଲା । "ଶିକ୍ଷାରେ ସଶକ୍ତିକରଣ" ବିଷୟକୁ ନାଟକ ଓ ଭାଷଣ ମାଧମରେ ଉପସ୍ଥାପନ କରାଯାଇଥିଲା । ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ସ୍କୁଲର ସମଗ୍ର ଉନ୍ନତି ପ୍ରୟାସକୁ ସ୍ତୁତି କରି, ଛାତ୍ରଛାତ୍ରୀଙ୍କୁ ଶିଷ୍ଟାଚାର ଓ ନବୀନତାରେ ଅଗ୍ରସର ହେବାକୁ ପ୍ରେରିତ କଲେ । ପ୍ରଧାନଶିକ୍ଷୟତ୍ରୀ ଶାନ୍ତି ରାଣୀ ବିଶ୍ୱାସ ନିଜ ଉଦ୍‌ବୋଧନରେ ଛାତ୍ରଛାତ୍ରୀଙ୍କ ସଫଳତାରେ ଗର୍ବ ପ୍ରକାଶ କରି, ଶିକ୍ଷକମାନଙ୍କ ନିଷ୍ଠାକୁ ସ୍ୱୀକାର କଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ରିତାଞ୍ଜଳି ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଗଣିତ ଶିକ୍ଷୟିତ୍ରୀ ଏମ. ନନ୍ଦିନୀ ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ସଙ୍ଗୀତ ଓ ରଙ୍ଗୀନ କାର୍ଯ୍ୟକ୍ରମ ସହିତ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

## କଦମପଡା ଶିଶୁ ମନ୍ଦିରରେ "ପ୍ରତିଭା ସମ୍ମାନ" ସମାରୋହ

ବଲାଙ୍ଗିର,୨୩/୧୨ (ନି.ପ୍ର): ବଲାଙ୍ଗୀରସ୍ଥ କଦମପଡା ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ 'ପ୍ରତିଭା ସମ୍ମାନ' ସମାରୋହ ପାଳନ କରାଯାଇଛି । ଏଥିରେ ମୁଖ୍ୟ ବକ୍ତା ରୂପେ ବିଶିଷ୍ଟ ବ୍ୟବସାୟୀ କିଶୋର କୁମାର ରଥ ଓ ମୁଖ୍ୟ ଅତିଥି ରୂପେ ସାମରିକ ବିଭାଗର ଅବସରପ୍ରାପ୍ତ ସୈନିକ ଦିଲୀପ କୁମାର ପୁରୋହିତ ଓ ସମ୍ମାନୀତ ଅତିଥି ରୂପେ ଅବସରପ୍ରାପ୍ତ ଅଧାପକ ଡ. ତରୁଣ କୁମାର ମିଶ୍ର ଯୋଗ ଦେଇଥିଲେ । ସମବେତ ସଙ୍ଗୀତ ଛାତ୍ରୀ ଅନୁଷ୍କା ରାଣୀ ପାତ୍ର, ମୋନିକା ମହାପାତ୍ର, ମେହେକ ମଲ୍ଲିକ ଓ ଶ୍ରୀମୟୀ ପଣ୍ଡା ଗାନ କରିଥିଲେ । ଅତିଥି ପରିଚୟ ଓ ଉଦ୍ଦେଶ୍ୟ ଜ୍ଞାପନ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ସନାତନ ମିଶ୍ର କରିଥିବା ବେଳେ ସଂଯୋଜନା ଛାତ୍ରୀ ପ୍ରିୟାଂଶୀ ସାହୁ, ସ୍ମରଣୀକା ଦାଶ ଓ ଗୁରୁମା ମମତା ଭୋଇ କରିଥିଲେ । ମୁଖ୍ୟବକ୍ତା ନିଜ ବକ୍ତବ୍ୟ ଦେଇ କହିଲେ ଯେ ନିଜର ପ୍ରତିଭାକୁ ନିଜେ ଚିହ୍ନ । ମୁଖଅତିଥି କହିଲେ ଯେ, 'ଶିଶୁ ନିଜକୁ ଚିହ୍ନି ପାରିଲେ ହିଁ ଦେଶ ଆଗକୁ ବଢିବ ।' ବିଶିଷ୍ଟ ଅତିଥି ନିଜ ବକ୍ତବ୍ୟରେ କହିଲେ ଯେ, 'ନିଜ କର୍ମପଥରେ ଠିକ୍ ଥିଲେ ସଫଳତା ଆପେ ଆପେ ଆସିବ ।' ସମସ୍ତ ପୁରସ୍କାରର ଘୋଷଣା ଗୁରୁଜୀ କିଶୋର ମଟାରୀ କରିଥିଲେ । ବିଭିନ୍ନ ପୁରସ୍କାର ମଧ୍ୟରେ ବାର୍ଷିକ କ୍ରୀଡା, ବାର୍ଷିକ ଉତ୍ସବର ବିଜେତା ମାନଙ୍କୁ ପୁରସ୍କୃତ କରା ଯାଇଥିଲା । ମଂଚାସୀନ ଅତିଥିଙ୍କ ସହ ମାତୃ ଭାରତୀର ସଦସ୍ୟାମାନେ ମଧ୍ୟ ପୁରସ୍କାର ପ୍ରଦାନ କରିଥିଲେ । ଛାତ୍ରମାନଙ୍କ ମଧ୍ୟରେ ୩୦୦୦ ମିଟର ଦୌଡରେ ସିନ୍ଧୁ ବାଗ, ସ୍ୱପ୍ନିଲ ସାବତ, ରୋହନ୍ ସାହୁ, ବିଜେତା ହୋଇଥିଲେ । ବିଦ୍ୟାଳୟର ମାତୃଭାରତୀର ସଦସ୍ୟାମାନଙ୍କ ମଧ୍ୟରେ ଝୋଟି ଚିତା ପ୍ରତିଯୋଗିତାରେ କୁନ୍ତି ଦାଶ,ପଲ୍ଲବୀ ବେହେରା, ସ୍ୱର୍ଣ୍ଣସ୍ମିତା ନନ୍ଦ ବିଜେତା ହେବା ଆକର୍ଷଣୀୟ ରହିଥିଲା । ରାଜ୍ୟପାଳଙ୍କ ଦ୍ୱାରା ପ୍ରଦତ୍ତ ପୁରସ୍କୃତ ସ୍କାଉଟ ଓ ଗାଇଡର ୬ଜଣ ଛାତ୍ରୀଙ୍କୁ ସମ୍ମାନୀତ କରା ଯାଇଥିଲା । ଏହିପରି ମୋଟରେ ୨୪୩ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ପରେ ବିଦ୍ୟାଳୟର ସଭାପତି ଆର୍ଶିବଚନ ପ୍ରଦାନ କରିଥିଲେ ତଥା ଶେଷରେ ସମସ୍ତଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଅର୍ପଣ ବିଦ୍ୟାଳୟର ସଂପାଦକ ତରଣୀସେନ ପଟେଲ । ଏହିପରି ଗୁରୁଜୀ ସାଧୁରାମ ନାଏକ ଓ ଗୁରୁମା କଲ୍ୟାଣୀ ପଣ୍ଡାଙ୍କ ସଂଚାଳନରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପୂର୍ଣ୍ଣ ହୋଇଥିଲା ।

## ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୬ ତମ ବାର୍ଷିକ ଉତ୍ସବ

କନ୍ଧମାଳ,୨୩/୧୨ (ନି.ପ୍ର): ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ବିଦ୍ୟାଳୟର ୩୬ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମଟି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରାରମ୍ଭରେ ବାଗଦେବୀ ସରସ୍ୱତୀ ଓ ଭାରତ ମାତାଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ଓ ବେଦ ପାଠ ପରେ ସ୍ୱାଗତ ସଂଗୀତ ଏବଂ ଭାରତ ମାତାଙ୍କ ବନ୍ଦନା ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଟି. ଶିବ ଶଙ୍କର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ସଂକୁଳ ପ୍ରମୁଖ ପବିତ୍ର ମୋହନ ସାହୁ ଯୋଗଦେଇ ବିଭିନ୍ନ ଗଳ୍ପ ମଧ୍ୟରେ ପିଲାମାନଙ୍କର ମାର୍ଗ ଦର୍ଶନ କରାଇଥିଲେ ।ବିଭିନ୍ନ ଶାସ୍ତ୍ରରେ ନିପୁଣ କରି ଏବଂ ଆଦର୍ଶ ସଂସ୍କାର ବିଦ୍ୟା ଶିକ୍ଷା ଦେଇ ପିଲାଙ୍କୁ ଗଢି ତୋଳୁଛି ଏହି ଶିଶୁ ବିଦ୍ୟା ମନ୍ଦିର ବୋଲି ବକ୍ତବ୍ୟ ରଖିଥିଲେ । ମୁଖ୍ୟ ଅତିଥି ଭାବେ ଉମାଚରଣ ମଲ୍ଲିକ ଯୋଗଦେଇ ମାନବିକତାର ଶିକ୍ଷାସହ ଉତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ ଏବଂ ଚାକିରି କ୍ଷେତ୍ରରେ ମନ ନିବେଶ ନକରି ନିଜ ଭିତରେ ଥିବା ପ୍ରତିଭାକୁ ପରିପ୍ରକାଶ କରିବା ପାଇଁ ଚେଷ୍ଟା କରନ୍ତୁ ବୋଲି ମନ୍ତବ୍ୟ ରଖିଥିଲେ । ଏଥିପାଇଁ ଉପସ୍ଥିତ ଅଭିଭାବକ ମାନେ ନିଜ ନିଜ ପିଲାଛୁଆଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ସଭାପତି ଶ୍ରୀ ମଲ୍ଲିକ ଶିଶୁ ମନ୍ଦିର ଏକ ଆଦର୍ଶ ଅନୁଷ୍ଠାନ ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାର୍ଗ ବୋଲି ମତ ପୋଷଣ କରିଥିଲେ । ଅନ୍ୟ ମଂଚାସୀନ ଅତିଥିବୃନ୍ଦ କହିଥିଲେ ଯେ, ଶିଶୁ ମନ୍ଦିରର ଆଦର୍ଶ ଶିକ୍ଷା, ଚରିତ୍ର ଗଠନ ପାଇଁ ଛାତ୍ରଛାତ୍ରୀ ମାନଙ୍କୁ ପ୍ରେରଣା ଯୋଗାଇଥାଏ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଗୋବିନ୍ଦ ଚନ୍ଦ୍ର ନାୟକ, ଫିରିଙ୍ଗିଆ ଆଂଚଳିକ ମହାବିଦ୍ୟାଳୟ ର ଅଧାପିକା ହରପ୍ରିୟା ମିଶ୍ର,ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ପରିଚାଳକ ରମେଶ ଚନ୍ଦ୍ର ସାହୁ, ଅମିୟ କୁମାର ଦାଶ, ଶେଷଦେବ ସାହୁ ସମେତ ବହୁ ଗୁଣି ଜ୍ଞାନୀ ଓ ପୂର୍ବତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ । ଏହା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମଂଚ ପରିଚାଳନା ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତରାୟ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା, ବାହନ ଚାଳକ, ସେବକ ସେବୀକା ମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା ।

## ପୁରୀ ଶ୍ରୀକ୍ଷେତ୍ର ମାଟିରେ ନବମ ଜାତୀୟ ଡୁମାଳ ଦିବସ ଅନୁଷ୍ଠିତ

ପୁରୀ,୨୩/୧୨ (ନି.ପ୍ର): ପୁରୀ ୟୁଥ ହଷ୍ଟେଲ ଠାରେ ମା ମାହେଶ୍ୱରୀ ସଂସ୍କୃତି ପରିଷଦ ଆନୁକୂଲ୍ୟରେ ନବମ ଜାତୀୟ ଡୁମାଳ ଦିବସ ମା ମାହେଶ୍ୱରୀ ସଂସ୍କୃତି ପରିଷଦ ଅଧକ୍ଷ ହରିଶଙ୍କର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ବିଧାୟକ କହେଁଇ ଚରଣ ଡାଙ୍ଗ ଯୋଗଦେଇ ପୁରୀ ଓ ଭୁବନେଶ୍ୱରରେ ମାହେଶ୍ୱରୀ ସଂସ୍କୃତି ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପାଖରେ ଉପସ୍ଥାପନା କରିବା ନିମନ୍ତେ ପ୍ରତିଶୃତି ଦେଇଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଆ ଭାଷା ପ୍ରତିଷ୍ଠାନ, କୁଳପତି ବେଦ ବିଶ୍ୱ ବିଦ୍ୟାଳୟ ତାମିଲନାଡୁ ତଥା ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ପ୍ରଫେସର ଡ. ହରିହର କାନୁନଗୋ ଯୋଗଦେଇ ସ୍ତମ୍ଭରୂପୀ ଜଗନ୍ନାଥ ଉପାସନାରେ ଡୁମାଳ ଜାତିର ଭୂମିକା ଉପରେ ଏକ ଗବେଷଣାଧର୍ମୀ ସନ୍ଦର୍ଭ ଉପସ୍ଥାପନା କରିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ରାଜ୍ୟ ସଭାପତି ଦେବାର୍ଚ୍ଚନ ଚାଉଳିଆ, ପୂର୍ବତନ ରାଜ୍ୟ ଉପସଭାପତି ପାଣ୍ଡବ କର୍ଣ୍ଣ, ପୂର୍ବତନ ସମ୍ପାଦକ କୃତିବାସ ପଲିଆ, ଡୁମାଳ ପରିଷଦ ଓଡିଶା ମହିଳା ସଭାପତି ହେମବତୀ କରଣ, ମାହେଶ୍ୱରୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ଅଧକ୍ଷ ଫକୀର କର୍ଣ୍ଣ,ଜିଲ୍ଲା ଯୁବ ଡୁମାଳ ବିକାଶ ପରିଷଦ, ବୌଦ୍ଧ ସଭାପତି ଶମ୍ଭୁ ଗିରି, ମା ମାହେଶ୍ୱରୀ ସେନା ସେନାଧକ୍ଷ ଥବିର କର୍ମୀ, କୁରୁଆଁ ସରପଂଚ ପୁଷ୍ପାଞ୍ଜଳି କଳତା, ଭେଡେନ ବ୍ଲକ ଉପାଧାକ୍ଷ ଡୋଳାମଣି ଖେତୀ, ଜାତିର ବରିଷ୍ଠ ସଦସ୍ୟ ଜୟମଙ୍ଗଳ ବିଶି, ମାନସିଂ ବଘାର, ଅନ୍ତର୍ଯ୍ୟାମୀ ବଘାର, ଲୋକନାଥ ଗେଜୋ, ଅନୁଗୋଳ କେନ୍ଦ୍ର ସଭାପତି ଉଦୟନାଥ ପ୍ରଧାନ ଓ ପାଣିଗୋଛା କେନ୍ଦ୍ର ସମ୍ପାଦକ ସୁଦର୍ଶନ ମହାକୁଡ଼, ରାଜେନ୍ଦ୍ର ଖେତି ପ୍ରମୁଖ ମଂଚାସୀନ ଥାଇ ଉଦବୋଧନ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପରିଦର୍ଷିତା ଲାଭ କରିଥିବା ବ୍ୟକ୍ତି ଓ ଅନୁଷ୍ଠାନ ମୁଖ୍ୟ ମାନଙ୍କୁ ସମର୍ଦ୍ଧିତ କରାଯାଇଥିଲା । ଶେଷରେ ନିକଟରେ ସ୍ୱର୍ଗାରୋହଣ କରିଥିବା ବହିରାର ଶିକ୍ଷକ ଦେଶବନ୍ଧୁ ମହାକୁଳ, ଆଠମଲ୍ଲିକର ଚିନ୍ମୟ ମହାକୁଡ଼ ଓ ଭେଡେନ ର ଯାଜ୍ଞସେନୀ ମହାକୁଡ଼ଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ ।

## ନକଲି ସାରକୁ ନେଇ ଚିନାବାଦାମ ଚାଷୀ ଅସନ୍ତୋଷ : ଦୋକାନରେ ତାଲା ପକାଇଲେ ଚାଷୀ

ଧର୍ମଶାଳା,୨୩/୧୨ (ନି.ପ୍ର): ନକଲି ସାରକୁ ନେଇ ଚିନାବାଦାମ ଚାଷୀ ଅସନ୍ତୋଷ । ଅସନ୍ତୋଷ ଚାଷୀ ଉତ୍ୟକ୍ତ ହୋଇ ସାର ଦୋକାନରେ ତାଲା ପକାଇ ଦେଲେ । ଏ ଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ଝାଲପଡା ପଂଚାୟତରେ । ଏହି ପଂଚାୟତର ଶହଶହ ଚାଷୀ ଚିନା ବାଦାମ ଚାଷ କରି ସେମାନଙ୍କ ପରିବାର ପ୍ରତିପୋଷଣ କରନ୍ତି । ତେବେ ଚଳିତ ବର୍ଷ କ୍ଷେତରେ ଚିନାବାଦାମ ଚାଷ କରି ଅଧିକ ଅମଳ ପାଇଁ ବଜାରରୁ ଧାର କରଜ କରି ସାର କିଣି କ୍ଷେତରେ ପ୍ରୟୋଗ କରିଥାନ୍ତି । କ୍ୱିଂଟାଲ ପିଛି ୩ହଜାର ଟଙ୍କା ଦେଇ ସାର କିଣି ଥାନ୍ତି । ତେବେ କ୍ଷେତରେ ୧ ମାସ ହେବ ସାର ପକାଇ ଥିବା ବେଳେ କ୍ଷେତରେ ଡିଏପି ସାର ମାଟିରେ ନ ମିଶିବାରୁ ଚାଷୀମାନଙ୍କର ସନ୍ଦେହ ହୋଇଥିଲା । ତେବେ ଏହି ସାର ନକଲି ହୋଇଥିବା ସନ୍ଦେହ କରି ଆଜି ଏହି ପଂଚାୟତସ୍ଥ ଝାଲପଡା ଛକରେ ଥିବା ମଣି ବାବା ସାର ବିକ୍ରେତା ତପନ ନାୟକଙ୍କୁ ଅବଗତ କରାଇ ଥିଲେ । ତେବେ ସେ ଚାଷୀମାନଙ୍କୁ ସନ୍ତୋଷ ଜନକ ଉତର ଦେଇ ନ ପାରିବାରୁ ସ୍ଥାନୀୟ ଚାଷୀ ଉତ୍ୟକ୍ତ ହୋଇ ଦୋକାନରେ ତାଲା ପକାଇ ଦେଇଥିବା ଜଣାପଡିଛି । ଖବର ପାଇ ବ୍ରହ୍ମବରଦା ପୁଲିସ ଘଟଣାସ୍ଥଳରେ ପଂହଚିବା ପରେ ଘଟଣା ଶାନ୍ତ ପଡିଥିଲା । ସେପଟେ କମ୍ପାନୀ କର୍ତ୍ତୃପକ୍ଷରୁ ଏହାର ତଦନ୍ତ କରିବା ସହ କ୍ଷତି ପୂରଣ ଦାବି କରି ଏହି ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ବୀର କିଶୋର ଗୋଛାୟତ,ପ୍ରଶାନ୍ତ ମୁଦୁଲୀ,ମାଧ ମୁଦୁଲୀ,ସହଦେବ ମୁଦୁଲୀ,କୃଷ୍ଣ ଜେନା,ବଲ୍ଲଭ ବିଶ୍ୱାଳଙ୍କ ସମେତ ଅନେକ ଚାଷୀ ଦାବି କରିଛନ୍ତି । ତୁରନ୍ତ ଏହାର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି । ବଜାରରେ ମାଳମାଳ ସାର ଦୋକନ କରି ନକଲି ସାର ଓ କୀଟନାଶକ ଔଷଧ ବେଧଡକଭାବେ ବିକ୍ରୀ କରାଯାଉଛି । ଯାହାକି ଚାଷୀମାନ ଏହା ଜାଣି ନ ପାରି ଏହି ନକଲି ସାର କିଣିବାକୁ ବାଧ ହେଉଛନ୍ତି । ଜିଲା ପ୍ରଶାସନ ଏହି ଘଟଣା ଉପରେ ନଜର ଦେବାକୁ ଚାଷୀ ମହଲରେ ଦୃଢ ଦାବି ହୋଇଛି ।

## ବ୍ରହ୍ମାକୁମାରୀ ଈଶ୍ୱରୀୟ ରାଜ ଯୋଗ ସାଧନା କେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ ପାଳିତ

ପୁରୀ,୨୩/୧୨ (ନି.ପ୍ର): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପୁରୀ ବଳିଆପଣ୍ଡା ସ୍ଥିତ ରାଜଯୋଗ ସାଧନା କେନ୍ଦ୍ରର ୨୦ତମ ବାର୍ଷିକ ଉତ୍ସବ ଏକ ପବିତ୍ର ବାତାବରଣରେ ପାଳିତ ହୋଇଯାଇଛି । ସାଧନା କେନ୍ଦ୍ରର ଓମ୍ ଶାନ୍ତି ଅଡିଟୋରିୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବ୍ରହ୍ମାକୁମାରୀ ସେଂଟ ପିଟରସବର୍ଗ ରଷିଆ ଶାଖାର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମା କୁମାରୀ ସନ୍ତୋଷ ଦିଦି କହିଲେ ଯେ, 'କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ଆତ୍ମ ସ୍ମୃତିରେ ସ୍ଥିତ ହୋଇ କାର୍ଯ୍ୟ ସମ୍ପାଦନ କଲେ ସେ କର୍ମ ବିକର୍ମ ହୁଏ ନାହିଁ । ମାନବ ଆତ୍ମାର ତୃତୀୟ ନେତ୍ର ବା ବୁଦ୍ଧି ନେତ୍ର ଖୋଲିବାରେ ଈଶ୍ୱରୀୟ ଜ୍ଞାନ ପ୍ରମୁଖ ଭୂମିକା ଗ୍ରହଣ କରେ । ବିଶ୍ୱାସ ଓ ପ୍ରଭୁ ନିଶ୍ଚୟ ଦୃଢ଼ିଭୂତ ହୁଏ ଯାହା ରଷିଆ ଦେଶ ର ଅଧିବାସୀ ମାନଙ୍କ ପକ୍ଷରେ ଦେଖିବାକୁ ମିଳେ । ଭିନ୍ନ ସଂସ୍କୃତି ଓ ଜୀବନ ଶୈଳୀ ହେଲେ ମଧ ଆତ୍ମ ଅନୁଭୂତି ଦ୍ୱାରା ସେମାନେ ନିଶା ଦ୍ରବ୍ୟ ସେବନରୁ ବିରତ ରହି ସମ୍ପୂର୍ଣ୍ଣ ସାତ୍ୱିକ ଜୀବନ ଯାପନ କରୁଛନ୍ତି । ଆଧାତ୍ମିକତା ଓ ଦୈବୀ ସଂସ୍କୃତି ପ୍ରତି ତାଙ୍କର ରୁଚି ବଢ଼ି ବଢ଼ି ଚାଲିଛି ଯାହା ସମସ୍ତଙ୍କ ପାଇଁ ଅନୁକରଣୀୟ ।' ଏହି ଉତ୍ସବ ରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପୁରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ର ପ୍ରାକ୍ତନ ଭାଇସ ଚାନସେଲର ପ୍ରଫେସର ହରିହର ହୋତା କହିଲେ ଯେ ଆତ୍ମା ଏକ ସତ ତାତ୍ୱିକ ଅଜର ଅମର ଅବିନାଶୀ ଚୈତନ୍ୟ ସତା । ତାକୁ ସଶକ୍ତ କରିବା ପାଇଁ ପରମାତ୍ମା ପରମେଶ୍ୱରଙ୍କ ସହ ସମର୍ପଣ ଭାବର ସ୍ମୃତି ଦରକାର ଯାହା ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ଦର୍ଶନ ଶିକ୍ଷା ଦିଏ । ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ପୁରୀ ଭାଗବତ ଆଶ୍ରମର ଅଧକ୍ଷ ବାବା ବ୍ରଜବନ୍ଧୁ ଦାସ ମହାରାଜ କହିଲେ ଯେ, 'ଅନେକ ଜନ୍ମର ତପସ୍ୟା ବଳରେ ଆମକୁ ମାନବ ଶରୀର ପ୍ରାପ୍ତ ହୋଇଛି ଯାହା ପାଇଁ ପ୍ରଭୁ ପରମେଶ୍ୱରଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ୍ ଦେଇ ଅବଶିଷ୍ଟ ଜୀବନ ନିଃସ୍ୱାର୍ଥପର, ନିର୍ବିକାର ଓ ପରୋପକାରରେ ବ୍ୟତୀତ କରିବା ପାଇଁ ଦୃଢ଼ ପ୍ରତିଜ୍ଞା କରିବା ଉଚିତ୍ ।' ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜ ଯୋଗିନୀ ବ୍ରହ୍ମା କୁମାରୀ ଡକ୍ଟର ନିରୁପମାଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବ୍ରହ୍ମାକୁମାର ଡକ୍ଟର ସତ୍ୟାନନ୍ଦ ମଂଚ ପରିଚାଳନା କରିଥିଲେ । ପାଟନା ସେବାକେନ୍ଦ୍ରର ସଂଚାଳିକା ରାଜ ଯୋଗର ସୁଖଦ ଅନୁଭୂତି କରାଇଥିଲେ । ପ୍ରାରମ୍ଭରେ ବ୍ରହ୍ମାକୁମାରୀ ଭଉଣୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।

## ବନ୍ତ ଓ ନିଉଦାଣୀ ଶିଶୁ ମନ୍ଦିରରେ ସପ୍ତ ଶକ୍ତି କାର୍ଯ୍ୟକ୍ରମ

ଭଦ୍ରକ,୨୩/୧୨ (ନି.ପ୍ର): ଏହି ଜିଲାର ବନ୍ତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତ ଶକ୍ତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଟୋଲିର ସଦସ୍ୟା ମମତା ରାଣୀ ଦାସ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ । ପ୍ରଧାନଚାର୍ଯ୍ୟ ଦାମୋଦର ନାୟକଙ୍କ ସଚାଂଳନରେ ଶିଶୁ ମନ୍ଦିର ସଭାପତି ସୁରେନ୍ଦ୍ର କୁମାର ବାରିକ୍ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ମାତୃ ଶକ୍ତିର ହିଁ ପରବାର ତଥା ରାଷ୍ଟ୍ର ନିର୍ମାଣର ମୁଖ୍ୟ ଅଙ୍ଗ ବୋଲି କହିଥିବା ବେଳେ ସଫଳ ଆୟୋଜନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜାତୀୟ ଗଣିତ ଦିବସ ଉପଲକ୍ଷେ ଗଣିତ ପତ୍ରବାଚନ, କୁଇଜ୍ ଓ ଗଣିତ ସମ୍ବନ୍ଧୀୟ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଏଥିରେ ୨୩୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମର ସଂଯୋଜିକା ସଂଯୁକ୍ତା ପେଡା, ଆଚାର୍ଯ୍ୟ କିଶୋର କୁମାର ସେନାପତି, ପ୍ରଶନ୍ନ କୁମାର ଖୁଟିଂଆ, ପବିତ୍ରା ଶତପଥି ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ । ସେହିପରି ହାଟଡିହି ବ୍ଲକ ନିଉଦାଣୀ,ସୋସୋ, କାନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଚାର୍ଯ୍ୟା ମାନାରାଣି ତ୍ରିପାଠୀଙ୍କ ସଂଯୋଜନାରେ ହାଟଡିହି ବ୍ଲକ ମହିଳା ବଡଦର୍ଶିକା ନିରୁପମା ରାଉତ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ପଚାଂୟତ ବାଳିକା ବିଦ୍ୟାଳୟ ତରତରାର ସହକାରୀ ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା କାଂଚନ ବାଳା ଜେନା ଯୋଗଦେଇ ମା ମାନଙ୍କର ସପ୍ତଶକ୍ତି କାର୍ଯ୍ୟକ୍ରମ ଉପରେ କହିଥିବା ବେଳେ ପିଲା ମାନଙ୍କୁ ସୁ ନାଗରିକ କରି ଗଢି ତୋଳିବାରେ ଭୂମିକା ଉପରେ ବୁଝାଇ ଥିଲେ । କମିଟି ସଭ୍ୟା ରଞ୍ଜୁଲତା ରାଉତ, ସୁଚିସ୍ମିତା ଜେନା ଯୋଗଦେଇ ମା ମାନଙ୍କୁ ମାର୍ଗଦର୍ଶନ କରିଥିଲେ ।

## କେନ୍ଦୁଝରକୁ ବାଲ୍ୟ ବିବାହ ମୁକ୍ତ ଜିଲ୍ଲା ଗଠନ ପାଇଁ ରାଜ୍ୟ ଶିଶୁ ଅଧିକାର ଆୟୋଗଙ୍କ ଆହ୍ୱାନ

କେନ୍ଦୁଝର,୨୩/୧୨ (ନି.ପ୍ର): ଦୁଇ ଦିନିଆ କେନ୍ଦୁଝର ଜିଲ୍ଲା ଗସ୍ତରେ ଥିବା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଓ ସଦସ୍ୟା ମନସ୍ମିତା ଖୁଂଟିଆ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଦରବାର ହଲଠାରେ ଆୟୋଗର ଅଧକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଆୟୋଗ ସଦସ୍ୟା ମନସ୍ମିତା ଖୁଂଟିଆ ଜିଲ୍ଲାରେ ଶିଶୁମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ବାସ୍ତବ ରୂପାୟନ ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକର ଓ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକଙ୍କ ସମେତ ଜିଲ୍ଲାର ସମସ୍ତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହିଥିଲେ । ଆୟୋଗର ପ୍ରତିନିଧି ଦଳ ଜିଲ୍ଲାସ୍ତରରେ ଶିଶୁ ସୁରକ୍ଷା, ପୋଷଣ ଏବଂ ସେମାନଙ୍କ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ଚାଲିଥିବା କାର୍ଯ୍ୟକ୍ରମ ଗୁଡ଼ିକର କାର୍ଯ୍ୟକାରିତାକୁ ଅନୁଧ୍ୟାନ କରିବା ସହ ଏହାର ସୁପରିଚାଳନା ପାଇଁ ତୃଣମୂଳସ୍ତରର ଆବଶ୍ୟକୀୟ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ଼, ସ୍ୱତନ୍ତ୍ର ପୋଲିସ ୟୁନିଟ୍, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ଚାଇଲ୍ଡ ହେଲ୍ପ ଲାଇନ୍‌ର କର୍ମଚାରୀମାନେ ଯୋଗ ଦେଇଥିଲେ । ଜିଲ୍ଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜରୁରୀ ସେବା ଏବଂ କାର୍ଯ୍ୟକ୍ରମ ଉପରେ ଏଠାରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଆୟୋଗର ସଦସ୍ୟା ଶ୍ରୀମତୀ ଖୁଂଟିଆ ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଅଧିକ ବାଲ୍ୟ ବିବାହ ଘଟଣା ସାମନାକୁ ଆସୁଥିବାରୁ ଏନେଇ ସେମାନଙ୍କୁ ବ୍ୟାପକ ସଚେତନ କରିବା ସହ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ବୈଠକରେ ଆରକ୍ଷୀ ଅଧିକ୍ଷକ ମହିଳାଙ୍କ ସୁରକ୍ଷା ନିମନ୍ତେ ଆରମ୍ଭ ହୋଇଥିବା ରାକ୍ଷୀ ଆପ ସମ୍ବନ୍ଧରେ ସୂଚନା ଦେଇଥିଲେ । ନିଜ ଗସ୍ତ ଅବସରରେ ଆୟୋଗ କେନ୍ଦୁଝର ଅଞ୍ଚଳରେ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନଗୁଡ଼ିକର କାର୍ଯ୍ୟଧାରାକୁ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରିଥିଲେ । ଏହି କ୍ରମରେ ଢିପା ସାହି ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ଗସ୍ତ କରି ସେଠାକାର ଆମ କଳିକା କେନ୍ଦ୍ରରେ ବାଲ୍ୟ ସଭାରେ ଯୋଗ ଦେଇଥିଲେ । ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ସଖୀ ସେଂଟର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶିଶୁ ୱାର୍ଡ ଓ ପାଟେଶ୍ୱର ମହାବିଦ୍ୟାଳୟ ଗସ୍ତ କରି ବିଭିନ୍ନ ବ୍ୟବସ୍ଥାର ଅନୁଧ୍ୟାନ କରିବ ସହ ଏହି ସବୁ ଅନୁଷ୍ଠାନର କାର୍ଯ୍ୟକାରିତା, ସେବା ପ୍ରଦାନର ମାନ ଓ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଯାଂଚ କରିଥିଲେ ।

## ଘରର ତାଲାଭାଙ୍ଗି ଚୋରି

ଜୟପୁର,୨୩/୧୨ (ନି.ପ୍ର): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହେଲେ ଲୁଟେରା ଦଳ । ଥାନା ଠାରୁ ଅତି ନିକଟ ରାଜପଥ କଡକୁ ଲାଗି ରହିଥିବା ଏକ ଘରେ ତାଲା ଭାଙ୍ଗି କଳା କନା ବୁଲେଇଇଛନ୍ତି ଚୋର । ଯାହାକି ବୋରିଗୁମ୍ମା ପୋଲିସ ପାଇଁ ଏକ ବଡ଼ ଚେଲେଞ୍ଜ ସୃଷ୍ଟି କରିଛି । ଗତକାଲି ରାତିରେ ବୋରିଗୁମ୍ମା ସହରର ନବରଙ୍ଗପୁର ରୋଡକୁ ଲାଗି ରହିଥିବା ରାଜେଶ୍ୱରୀ ପାଢ଼ୀଙ୍କ ଘରେ ତାଲା ଭାଙ୍ଗି ଦୁର୍ବୃତମାନେ ପଶିଲେ ଆଉ ଘରେ କଳା କନା ବୁଲେଇଛନ୍ତି । ଘରେ ଥିବା ଦୁଇ ତୁଳାରୁ ସୁନା ଅଳଙ୍କାର ନେବା ସହ ନଗଦ ୨ ଲକ୍ଷ ଟଙ୍କା ଚୋରି ହୋଇଥିବା ସୂଚନା ଦେଇଛନ୍ତି ଘର ମାଲିକାଣି । ଘଟଣାରୁ ପ୍ରକାଶ ଯେ, ଗତ ଏକ ମାସ ହେବ ଏହି ଘରର ସମସ୍ତ ସଦସ୍ୟ ନିଜ ସମ୍ପର୍କୀୟଙ୍କ ମୃତ୍ୟ ଘଟିଥିବାରୁ ତାଙ୍କ ଘରକୁ ଯାଇଥିଲେ । ଘରେ କେହି ନଥିବା ବେଳେ ଗତକାଲି ରାତିରେ ଘରେ ତାଲା ଭାଙ୍ଗି ଚୋରି ହୋଇଛି ।

## ବିନିକା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ସୁବର୍ଣ୍ଣପୁର,୨୩/୧୨ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବିନିକା ପଂଚାୟତ ସମିତି ଅନ୍ତର୍ଗତ ସିଂଘିଯୁବା ଗ୍ରାମ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି । ସୁବର୍ଣ୍ଣପୁର ଜିଲ୍ଲାପାଳ ଡଃ. ନୃପରାଜ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ସର୍ବମୋଟ ୯୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୮୩ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୪ ଗୋଟି ସାମୂହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ଗୋଟିଏ ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିରରେ ସମାଧାନ କରାଯାଇଥିଲା । ସମସ୍ତ ସାମୂହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିନିକା, ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ସୁବର୍ଣ୍ଣପୁର ଶ୍ରୀମତି ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର, ଶ୍ରୀମତି ସୁମ୍ୟାରୂପା ରଥଙ୍କ ସମେତ ତହସିଲଦାର, ବିନିକା, ସୁଶ୍ରୀ ରସନା ଭୋଇ, ସରପଂଚ, ସିଂଘିଯୁବା ଗ୍ରାମପଂଚାୟତ ଶ୍ରୀମତି ପଦ୍ମିନୀ ତ୍ରିପାଠି ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ ବୃନ୍ଦଙ୍କ ସମେତ ଜିଲ୍ଲା ପଂଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀଙ୍କ ସହିତ ବିଭିନ୍ନ ସମ୍ବାଦ ପତ୍ରର ସାମ୍ବାଦିକ ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗଦାନ କରିଥିଲେ । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାର ସୁଶାସନ ସପ୍ତାହ ୧୯-୨୫ ଡିସେମ୍ବର ପାଳନ ଅବସରରେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲା ସ୍ତରୀୟ ସୁଶାସନ ସମ୍ପର୍କୀୟ କର୍ମଶାଳା ସିଂଘିଯୁବା ଗ୍ରାମପଂଚାୟତ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ସୁଶାସନ କର୍ମଶାଳାରେ ସୁବର୍ଣ୍ଣପୁର ଜିଲ୍ଲାରେ ସୁଶାସନ ଉପରେ ଆଲୋଚନା କରାଯାଇଥିଲା ।

# ଦିନେ ନାହିଁ, କାଲେ ନାହିଁ .....




ସୁବାସ କୁମାର ତାରଣିଆ


ସାମ୍ପ୍ରତିକ ସମୟରେ କ୍ରମାଗତ ଭାବରେ ଜଳବାୟୁ ପରିବର୍ତ୍ତନ ଓ ଜଙ୍ଗଲ କ୍ଷୟ ଯୋଗୁ ତାପମାତ୍ରା ବୃଦ୍ଧି ଏବଂ ପରିବେଶ ପ୍ରଦୂଷଣ ଫଳରେ ମନୁଷ୍ୟ ଠାରୁ ଆରମ୍ଭ କରି ଜୀବଜଗତ ବିଶେଷ ପ୍ରଭାବିତ ହେଉଛନ୍ତି। ରାଜ୍ୟର ଉନ୍ନୟନମୂଳକ କାର୍ଯ୍ୟ ହେଉ କିମ୍ବା ରାସ୍ତା ସମ୍ପ୍ରସାରଣ ଅବା ବହୁତଳ ପ୍ରାସାଦ ନିର୍ମାଣ ହେଉ, ପ୍ରତିଦିନ ଶହ ଶହ ଗଛ ବଳି ପଡୁଛନ୍ତି। ଯେଉଁ ପରିମାଣରେ ଗଛ କଟାଯାଉଛି, ସେହି ପରିମାଣରେ ଗଛ ଲଗାଯାଉ ନଥିବାରୁ ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି। ସେହିପରି ପ୍ଲାଷ୍ଟିକ ଦୈନନ୍ଦିନ ଚଳଣିର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ସମୟ ଏପରି ଉପନୀତ ହୋଇଛି ଯେ, ଗାଁ ଠାରୁ ସହର, ଜଳଭାଗ, ସ୍ଥଳଭାଗ ସବୁଠି ପ୍ଲାଷ୍ଟିକର ଉପକାରିତା ଦେଖିବାକୁ ମିଳୁଛି। ଫଳରେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ଅପରପକ୍ଷରେ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସାରା ରାଜ୍ୟର ଗଳିକନ୍ଦି ଏବେ କଙ୍କ୍ରିଟମୟ। ଫଳରେ ପ୍ରତିବର୍ଷ ତାପମାତ୍ରା ବୃଦ୍ଧି ପାଉଛି, ଏହାକୁ ରୋକିବା ପାଇଁ ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶର ନାରା ଦିଆଯାଉଥିଲେ ମଧ୍ୟ ତାହା ଭାଷଣବାଜିରେ ସୀମିତ ରହିଯାଉଛି। 'ଆଇପିଆଇ ଗ୍ଲୋବାଲ'ର ଏକ ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଓ ବୃଷ୍ଟିପାତ ବ୍ୟାପକ ଭାବେ ବୃଦ୍ଧି ପାଇବ ଏବଂ ୨୦୩୦ ସୁଦ୍ଧା ଅଧିକାଂଶ ମହାନଗରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ହେବାର ସମ୍ଭାବନା ରହିଛି। ୧୯୮୦ ତୁଳନାରେ ୨୦୨୩ ମସିହା ସୁଦ୍ଧା ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ସୁରଟ, ଥାନେ, ହାଇଦ୍ରାବାଦ, ପାଟନା ଓ ଭୁବନେଶ୍ୱର ଭଳି ସହରରେ ଗ୍ରୀଷ୍ମପ୍ରବାହ ଦ୍ୱିଗୁଣିତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଛି। ୨୦୩୦ ସୁଦ୍ଧା ଜଳବାୟୁ ପରିବର୍ତ୍ତନ ଯୋଗୁଁ ସମଗ୍ର ଭାରତରେ ଅତ୍ୟଧିକ ବୃଷ୍ଟିପାତର ତୀବ୍ରତା ୪୩% ବୃଦ୍ଧି ପାଇବ ଏବଂ ଦେଶରେ ଅଧିକ ଗରମ ଓ ଆର୍ଦ୍ର ହେବ ବୋଲି ରିପୋର୍ଟରେ କୁହାଯାଇଛି। ଏସବୁରୁ ମୁକୁଳିବାକୁ ହେଲେ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ। ସବୁଜ ପରିବେଶ ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବୃକ୍ଷରୋପଣକୁ ଗୁରୁତ୍ୱ ଦେଇଛନ୍ତି। କେତେକ ମାମଲାରେ ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତଙ୍କୁ ଜାମିନ ଦେବା ସମୟରେ ବୃକ୍ଷରୋପଣ କରିବାକୁ ସର୍ତ୍ତ ରଖିଛନ୍ତି। ଗ୍ରୀଷ୍ମ ଅବକାଶକୁ ଦୃଷ୍ଟିରେ ରଖି ଉଚ୍ଚ ନ୍ୟାୟାଳୟର ବିଚାରପତି ଶତାଧିକ ମାମଲାରେ ଶହେରୁ ଆରମ୍ଭ କରି ପାଞ୍ଚଶହ ପର୍ଯ୍ୟନ୍ତ ବୃକ୍ଷରୋପଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାମିନରେ ମୁକୁଳିବା ପରେ ଅଭିଯୁକ୍ତମାନେ ନିଜ ଗ୍ରାମ ନିକଟ ଅଞ୍ଚଳରେ ଚାରା ରୋପଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ମଣିଷ ସୃଷ୍ଟି ହେବା ଦିନଠାରୁ ପ୍ରକୃତି ଓ ପରିବେଶ ଯୋଗୁଁ ଆଜି ପର୍ଯ୍ୟନ୍ତ ବଞ୍ଚିରହିଛି। ମାତ୍ର ମଣିଷ ପ୍ରକୃତିକୁ ଧ୍ୱଂସ କରିବାକୁ ଲାଗିଥିବାରୁ ଜଳବାୟୁ ପରିବର୍ତ୍ତନ ପରି ଭୟଙ୍କର ସ୍ଥିତିକୁ ସାମନା କରୁଛି। ଫଳରେ ଛଅ ଋତୁ ଆଜି ସାତ ସପନ। ଖରା, ବର୍ଷା, ଭୂସ୍ଖଳନ, ମରୁଡ଼ି, ବାତ୍ୟା ଆଦି ବୃଦ୍ଧି ପାଉଛି। ଓଡ଼ିଶାକୁ ପ୍ରକୃତି ଖଣି, ନଦୀ, ସମୁଦ୍ର, ଜଙ୍ଗଲ ଓ ଉର୍ବର ଜମି ଆଦି ବରଦାନ ଦେଇଛି। ତେବେ ଏହା ସହିତ ବନ୍ୟା, ମରୁଡ଼ି, ବାତ୍ୟା ପ୍ରାକୃତିକ ବିପତ୍ତି ମଧ୍ୟଦେଇଛି। ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଭଲ ଭାବେ ବଞ୍ଚି ରହିବା ପାଇଁ ପ୍ରାକୃତିକ ବିପର୍ଯ୍ୟୟକୁ କିପରି ମୁକାବିଲା କରିହେବ ତାହା ସାଧାରଣ ଜନତାଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ବ୍ୟାପକ ବୃକ୍ଷ ଛେଦନ ଫଳରେ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଆବଶ୍ୟକ ଅନୁସାରେ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି। ସେହିପରି ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି। ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି। ଆଉ କିଛିବର୍ଷ ପରେ ଦିଲ୍ଲୀ ମୁମ୍ବାଇ ଭଳି ଭୁବନେଶ୍ୱରରେ ମଧ୍ୟ ଅକ୍ସିଜେନ ପାର୍ଲରମାନ ଖୋଲଇ ଅମ୍ଳଜାନ ବିକ୍ରି ହେବ, ଏହାକୁ ଏଡ଼ାଇ ଦିଆଯାଇ ନପାରେ ? ଜନସଂଖ୍ୟା ବୃଦ୍ଧି, ଅଧିକ ସଂଖ୍ୟାରେ ଗାଡ଼ିମୋଟର ଚଳାଚଳ, ଖଣି ଖନନ, ଶିଳ୍ପ ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ବାୟୁ ପ୍ରଦୂଷଣ ଓ ତାପମାତ୍ରା ଦୃତଗତିରେ ବୃଦ୍ଧି ପାଇବାରେ ଲାଗିଛି। ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ବିଶ୍ୱର ସର୍ବାଧିକ ଜନବସତି ସହର ଜାପାନର ରାଜଧାନୀ ଟୋକିଓରୁ ଫେରିଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସବାସ କରିବାକୁ ଜାପାନ ସରକାର ସେଠାକାର ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଯେଉଁମାନେ ଏହି ନିୟମକୁ ପାଳନ କରି ଟୋକିଓରୁ ଯାଇ ଗ୍ରାମାଞ୍ଚଳରେ ସ୍ଥାୟୀ ଭାବରେ ବସତି ସ୍ଥାପନ କରିବେ ସେମାନଙ୍କୁ ମୁଣ୍ଡପିଛା ଆର୍ଥିକ ସହାୟତା ଦେବାକୁ ମଧ୍ୟ ଘୋଷଣା କରିଛନ୍ତି।

ସମ୍ପ୍ରତି ସାରା ବିଶ୍ୱରେ ବାୟୁ ପ୍ରଦୂଷଣ ଏକ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଯେଉଁ ସହରକୁ ଦେଖିଲେ ଉଡୁଛି ଧୂଳିକଣା। ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରକୁ ଯାଉଛି ଏହି ଧୂଳିକଣା। ଫଳରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ଛୋଟ ଛୋଟ ଶିଶୁମାନେ ଅଧିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ତଥ୍ୟ ଅନୁସାରେ କଟକ, ଭୁବନେଶ୍ୱର, କଳିଙ୍ଗ ନଗର, ବାଲେଶ୍ୱର, ଅନୁଗୋଳ, ତାଳଚେର, ଦାମନଯୋଡ଼ି ଏବଂ ରାଜଗାଙ୍ଗପୁର ଆଦି ୮ଟି ସହର ବିଷାକ୍ତ ବାୟୁ ବଳୟରେ ରହିଛି। ସେହିପରି ବିଶ୍ୱର ୧୦୦ ସର୍ବାଧିକ ପ୍ରଦୂଷିତ ସହର ତାଲିକାରେ ଭାରତର ୩୯ଟି ସହର ସ୍ଥାନ ପାଇଛି। ଭାରତର ରାଜଧାନୀ ଦିଲ୍ଲୀର ପ୍ରଦୂଷଣସ୍ତର ସର୍ବାଧିକ ପ୍ରଦୂଷିତ ସହର ମଧ୍ୟରେ ରହିଛି। କଟକ ଓ ଭୁବନେଶ୍ୱରରେ ବିଶେଷ କଳ କାରଖାନା ନଥାଇ ବି ବାୟୁ ପ୍ରଦୂଷଣ ହାର ଅଧିକ ରହିଛି। ବଡ଼ ବଡ଼ ଅଟ୍ଟାଳିକା ନିର୍ମାଣ, ଡିଜେଲ ଓ ପେଟ୍ରୋଲ ଗାଡ଼ିମୋଟର ସଂଖ୍ୟା ବୃଦ୍ଧି ଓ ଅଳିଆ ଆବର୍ଜନାରେ ନିଆଁ ଲଗାଇବା ଏହାର ପ୍ରମୁଖ କାରଣ। ଯେଉଁ ଅଞ୍ଚଳରେ ଅଧିକ ଗାଡ଼ି ମୋଟର ଯାତାୟତ କରୁଛି, ସେହି ଅଞ୍ଚଳରେ ବାୟୁ ପ୍ରଦୂଷଣ ହାର ସର୍ବାଧିକ ରହୁଛି। ଯେଉଁଥିପାଇଁ ରାଜଧାନୀ ଭୁବନେଶ୍ୱରରେ ୬ଟି ସ୍ଥାନରେ ବାୟୁ ପ୍ରଦୂଷଣ ମାନକ ମାପ କରାଯାଉଛି। କ୍ୟାପିଟାଲ ଥାନା, ଖଣ୍ଡଗିରି ଥାନା, ଏସ୍‌ପିସିବି କାର୍ଯ୍ୟାଳୟ, ପଟିଆସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାର ଏବଂ ଆଇଆରସି ଭିଲେଜରେ ବାୟୁ ପ୍ରଦୂଷଣ ମାପ ମେସିନ ଖଞ୍ଜାଯାଇଛି। ମାତ୍ର ସଚେତନତାର ଅଭାବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କରିବା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବା ପରିବେଶ୍‌ବିତ୍‌ମାନେ ମତ ଦେଇଛନ୍ତି।

ଯେପରି ରାସ୍ତାରେ ଦୁର୍ଘଟଣା ଘଟି କୌଣସି ବ୍ୟକ୍ତି ମୃତ୍ୟୁବରଣ କଲେ ସାଧାରଣ ଜନତା ଉତ୍ତେଜିତ ହୋଇ ରାଜରାସ୍ତାକୁ ଓହ୍ଲାଇ ରାସ୍ତା ନିର୍ମାଣ ପାଇଁ ଦାବି କରନ୍ତି, ମୁକୁଳା ଡ୍ରେନରେ ପଡ଼ି ଛୋଟ ଶିଶୁଟିଏ ପ୍ରାଣ ହରାଇଲା ପରେ ଡ୍ରେନ୍ ନିର୍ମାଣ ପାଇଁ ଦାବି ହୁଏ, କୌଣସି ମହାପୁରୁଷଙ୍କ ଜନ୍ମଜୟନ୍ତୀ ଆସିଲେ, ତାଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ପକାଇ ଦେଇ, ତାଙ୍କ ବଳିଦାନ ବିଷୟରେ ଲୋକଙ୍କୁ ସଚେତନ କରିବା ପରେ ପରବର୍ତ୍ତୀ ସମୟରେ ସେସବୁକୁ ଭୁଲିଯାଆନ୍ତି, ଠିକ୍ ସେହିପରି ବିଶ୍ୱ ପରିବେଶ ଦିବସ ଆସିଲେ ନେତା ଠାରୁ ସାଧାରଣ ଜନତା ଏବଂ ବିଭିନ୍ନ ଅନୁଷ୍ଠାନମାନେ ସେହି ଗୋଟିଏ ଦିନ କିଛି ଗଛ ଲଗାଇ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥାନ୍ତି ଏବଂ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଂକଳ୍ପ ନେଇଥାନ୍ତି, ମାତ୍ର ପରବର୍ତ୍ତୀ ସମୟରେ ସେସବୁ ସଂକଳ୍ପକୁ ଭୁଲି ଯାଆନ୍ତି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ସହରଠାରୁ ଆରମ୍ଭ କରି ଗ୍ରାମାଞ୍ଚଳମାନଙ୍କରେ ସବୁଠି ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ପାଇଁ ସଚେତନ କରୁଥିବାର ଭିଡ଼ିଓ ସାମାଜିକ ଗଣମାଧ୍ୟମରୁ ଜଣାପଡ଼ିଥିଲା। ପ୍ରଦୂଷିତ ପୃଥିବୀର ଭୟବହତାକୁ ହୃଦୟଙ୍ଗମ କରି ଅଧିକରୁ ଅଧିକ ସବୁଜ ପରିବେଶ ସୃଷ୍ଟି କରିବା ଏବଂ ପ୍ରକୃତିକୁ ସୁରକ୍ଷିତ ରଖିବା ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଏଣୁ ରାଜ୍ୟ ସରକାର ଗୋଟିଏ ବର୍ଷରେ ୭.୫ କୋଟି ଚାରାରୋପଣ କରାଯିବ ବୋଲି ଘୋଷଣା କରିଛନ୍ତି ଓ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ବୋଲି କହିଛନ୍ତି। ଏଥିସହିତ ପ୍ଲାଷ୍ଟିକ ନିଷେଧ କରି ଏହାର ଦୀର୍ଘସ୍ଥାୟୀ ବିକଳ୍ପକୁ ପ୍ରୋତ୍ସାହନ, ବର୍ଜ୍ୟ ପରିଚାଳନା ପ୍ରଣାଳୀକୁ ସଶକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ପ୍ରକୃତିର ସମ୍ମାନ ପାଇଁ ଚଳିତବର୍ଷ ସର୍ବ ବୃହତ୍ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ 'ମା'ଙ୍କ ନାମରେ ଗୋଟିଏ ଗଛ'ର ଶୁଭାରମ୍ଭ ହୋଇଥିଲା ଏହି ଅଭିଯାନ ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ମାସ ୩୦ ତାରିଖ ମଧ୍ୟରେ ୧୦ କୋଟି ଗଛ ଲଗାଇବାକୁ ଛାତ୍ରଛାତ୍ରୀ ତଥା ଦେଶବାସୀଙ୍କୁ ନିବେଦନ କରାଯାଇଥିଲା। ପ୍ରତ୍ୟେକ ବ୍ୟକ୍ତି ନିଜ ମା'ଙ୍କ ନାମରେ ଗଛଟିଏ ଲଗାନ୍ତୁ ଏବଂ ଏହାର ସୁରକ୍ଷା ଓ ଯତ୍ନ ନେଇ ସେହି ଗଛକୁ ବଡ଼ ହେବାକୁ ଦିଅନ୍ତୁ ବୋଲି ସଚେତନ କରାଯାଇଥିଲା।

ଆତ୍ମକୈନ୍ଦ୍ରୀକ ଓ ସ୍ୱାର୍ଥପରତା ଯୋଗୁ ପରିବେଶ ସୁରକ୍ଷାରେ ବ୍ୟାଘାତ ସୃଷ୍ଟି ହେଉଛି। ମଣିଷ ଭୌତିକ ସୁଖରେ ରହିବା ପାଇଁ ସମାଜ ଓ ପରିବେଶ ଉପରେ ତାର ପ୍ରତିକୂଳ ପ୍ରଭାବ ପାଇଁ ଆଦୌ ଦୃଷ୍ଟି ଦେଉନାହିଁ। ତେଣୁ ସୁସ୍ଥ, ସୁନ୍ଦର ଓ ସବୁଜ ପରିବେଶ ପାଇଁ ପ୍ରତ୍ୟେକ ମନୁଷ୍ୟର ସନ୍ତୁଳିତ ଜୀବନଚର୍ଯ୍ୟା ଆବଶ୍ୟକ ବୋଲି ବିଶ୍ୱ ପରିବେଶ ଦିବସରେ ବାର୍ତ୍ତା ଦିଆଯାଇଥିଲା। ମାତ୍ର ବିଶ୍ୱ ପରିବେଶ ଦିବସର ଗୋଟିଏ ଦିନ ନ ପୁରୁଣୁ ଜୟଦେବ ବିହାର ନନ୍ଦନକାନନ ବାମପାର୍ଶ୍ୱ ସମାନ୍ତରାଳ ୨୦୦ ଫୁଟିଆ ରାସ୍ତାକାମ ଯୋଗୁଁ ୨୭ଟି ଘର ମାଟିରେ ମିଶିବା ସହିତ ୫୪ଟି ଗଛ ବଳି ପଡ଼ିବାକୁ ଯାଉଛି। ସାଲିଆ ସାହି ଭିତରେ ରାସ୍ତା ନିର୍ମାଣ କରିବାକୁ ଏକ ପ୍ରକାର ନଷ୍ପତ୍ତି ନିଆଯାଇ ସର୍ଭେ କାମ ଆଗେଇ ଚାଲିଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସହରବାସୀ ଉପକୃତ ହେବ ସତ ମାତ୍ର ପ୍ରକୃତି ଓ ପରିବେଶ ଉପରେ ଏକ ବଡ଼ ପ୍ରଭାବ ପଡ଼ିବାକୁ ଯାଉଛି। ଏଥିଯୋଗୁ ପିଜୁଳି, ନଡ଼ିଆ, ଆତ, ବେଲ ଆଦି ବିଭିନ୍ନ ଫଳନ୍ତି ଗଛ ମାଟିରେ ମିଶିବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏହି ଅଞ୍ଚଳଟି ପରିବେଶ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଗଛଗୁଡ଼ିକର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

ପରିବେଶ ସୁରକ୍ଷା ଦିଗରେ ବନ ବିଭାଗ ଓ ବିଏମ୍‌ସି ୨୦୨୪ ମସିହାରେ ଏକଲକ୍ଷ ଗଛ ଲଗାଇବାକୁ ଯୋଜନା କରିଥିଲେ ମଧ୍ୟ ୪୦ ପ୍ରତିଶତରେ ପହଞ୍ଚିବାକୁ ସକ୍ଷମ ହୋଇପାରି ନାହାଁନ୍ତି। ଯେଉଁସବୁ ଗଛ ଲାଗିଛି, ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ସୁରକ୍ଷା ଅଭାବରୁ ଗଛଗୁଡ଼ିକ ମରିଯାଉଛି। ଅନ୍ୟପକ୍ଷରେ ସହର ନିକଟରେ ଥିବା ଜଙ୍ଗଲ ଦିନକୁ ଦିନ କମିବାରେ ଲାଗିଛି। ଯୁଆଡ଼େ ଦେଖିବ ସହରସାରା କୁଢ କୁଢ ଅଳିଆ ଆବର୍ଜନା। ଭଙ୍ଗା ପ୍ଲାଷ୍ଟିକ, ଆସବାବ ପତ୍ର, ପ୍ଲାଷ୍ଟିକ, ପଲିଥିନ୍, ବୋତଲ, ଭୋଜିଭାତରେ ବ୍ୟବହୃତ ଅଇଁଠା ପତ୍ର, କାଚ, ହୋଟେଲରୁ ବାହାରୁଥିବା ବାସିଖାଦ୍ୟ ପାହାଡ଼ ଭଳି ଜମା ହୋଇ ପଡ଼ିରହିଛି। ଏଥିପ୍ରତି ପ୍ରଶାସନର ନିଘା ନାହିଁ କି କେହି ଏହାକୁ ଉଠାଉ ନାହାଁନ୍ତି। ଫଳସ୍ୱରୂପ ରାଜଧାନୀରେ ଏବେ ପୂତିଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଦିନେ ନାହିଁ, କାଲେ ନାହିଁ ଗହ୍ମା ପୁନେଇଁରେ ମାଇଁ ମାଇଁ ନ୍ୟାୟରେ କେବଳ ପରିବେଶ ଦିବସ ଆସିଲେ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ସେହି ଗୋଟିଏ ଦିନ ଗଛ ଲଗାଇ ପରିବେଶ ସୁରକ୍ଷା ଦିଗରେ ସଚେତନ କରାନ୍ତି ଏବଂ ଏହି ସଚେତନ, ସଚେତନରେ ହିଁ ରହିଯାଉଛି। ମଣିଷ ଭୌତିକ ସୁଖରେ ରହିବା ଓ ଦୀର୍ଘକାଳର ଅଭ୍ୟାସ ଯୋଗୁ ପରିବେଶକୁ ସୁରକ୍ଷିତ ରଖିବା ସମ୍ଭବ ହେଉନାହିଁ। ତେଣୁ ରାଜ୍ୟ ସରକାର ଏସବୁ ସମସ୍ୟାକୁ ଦୃଷ୍ଟିରେ ରଖି ଯଦି ତାଙ୍କ ଘୋଷଣାକୁ କାର୍ଯ୍ୟକାରୀ ନ କରନ୍ତି, ତେବେ ସୁସ୍ଥ ଓ ସବୁଜ ପରିବେଶ ସୃଷ୍ଟି କରିବା ଅସମ୍ଭବ।


+କଣ୍ଟି, ବାହାରଣା, ବାଲିକୁଦା,
ଜଗତସିଂହପୁର
ମୋ : ୮୩୨୮୮୪୦୨୧୪


# ଜୀବନ ଆନନ୍ଦମୟ ଓ ଆର୍ଯ୍ୟକୃଷ୍ଟି ପତାକା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର


ମନୁଷ୍ୟ ସ୍ୱଭାବତଃ ଆନନ୍ଦମୟ ଏବଂ ସହଜାତ ଦିବ୍ୟତ୍ୱ ହେଉଛି ତାର ଅସ୍ତିତ୍ୱର ମୂଳାଧାର। ମନୁଷ୍ୟ ସ୍ୱଭାବତଃ ଦିବ୍ୟ ହୋଇଥିବା ସତ୍ତ୍ୱେ ତାର ନିଜର ପାଶବିକ ପ୍ରବୃତ୍ତି ହେତୁ, ତା'ଉପରେ ଅଜ୍ଞତାର ଆବରଣ ପଡି ଯାଇଥିବା ହେତୁ, ନିଜର ଦିବ୍ୟତ୍ୱ ବିଷୟରେ ତାର ଜ୍ଞାନ ନାହିଁ। ଅଜ୍ଞତା ହେତୁ ହିଁ ମନୁଷ୍ୟ ତାର ଦେହ, ତାର ମନ, ତାର ପ୍ରାଣ ଓ ଇନ୍ଦ୍ରିୟ ତାଠାରୁ ଅନନ୍ୟ ବୋଲି ଭାବୁଛି। ସେ ଯଦି ଏହି ଅଳିକ ଭାବନାକୁ ଅତିକ୍ରମ କରିଯିବ, ତେବେ ସେ ହୋଇଯିବ ବ୍ରହ୍ମଙ୍କ ଠାରୁ ଅଭିନ୍ନ, ଶୁଦ୍ଧାନନ୍ଦମୟ ପରମାତ୍ମାଙ୍କ ଠାରୁ ଅନନ୍ୟ। ବ୍ରହ୍ମ ବା ପରମାତ୍ମା ହେଉଛନ୍ତି ପୂର୍ଣ୍ଣତମ ସତ୍ୟ ଓ ପରିପୂର୍ଣ୍ଣ ଚୈତନ୍ୟ। ଯାହାକୁ ଅତିକ୍ରମ କରି ଆଉ କିଛି ନାହିଁ, ସେ ସକଳଙ୍କର ଅନ୍ତରମ ତତ୍ତ୍ୱ, ସେ ହେଉଛନ୍ତି ଆତ୍ମା ବା ବ୍ରହ୍ମ। ଆତ୍ମା ଚୈତନ୍ୟରୂପରେ ସକଳ ଜୀବଙ୍କଠାରେ ବ୍ୟାପି ରହିଛନ୍ତି। ଚୋର କହନ୍ତୁ, ବେଶ୍ୟା କହନ୍ତୁ, ମେହେନ୍ତର କହନ୍ତୁ, ରାଜା କହନ୍ତୁ, ରଙ୍କ କହନ୍ତୁ, ସାଧୁ କହନ୍ତୁ, ଅସାଧୁ କହନ୍ତୁ, ବିରାଡ଼ି, କୁକୁର, ମୂଷା - ଯେ କୌଣସି ପ୍ରାଣୀ କହନ୍ତୁ, ସମସ୍ତଙ୍କ ଠାରେ ସେହି ଏକ ଆତ୍ମା ବିରାଜିତ।

ଆର୍ଯ୍ୟକୃଷ୍ଟି ପତାକା ସମ୍ବନ୍ଧରେ ଆଲୋଚନା କରିବା ପୂର୍ବରୁ ଆମେ ପ୍ରଥମେ ବୁଝିବା ଉଚିତ - ଆର୍ଯ୍ୟକୃଷ୍ଟି କ'ଣ ? ଆର୍ଯ୍ୟକୃଷ୍ଟି ଶବ୍ଦଟି ଆର୍ଯ୍ୟ ଓ କୃଷ୍ଟି, ଏହି ଦୁଇ ଶବ୍ଦକୁ ନେଇ ସୃଷ୍ଟି ହୋଇଛି। ଆର୍ଯ୍ୟ ଶବ୍ଦଟି ଆସିଛି 'ଋ' ଧାତୁରୁ। 'ଋ' ଧାତୁର ଅର୍ଥ ହେଉଛି ଗମନ କରିବା, ବୃଦ୍ଧି ପାଇବା ଓ ପ୍ରାପ୍ତ ହେବା। ଅର୍ଥାତ୍ ଯାହାର ଗତି, ବୃଦ୍ଧି ଓ ପ୍ରାପ୍ତି ଅଛି ତାହା ହିଁ ହେଲା ଆର୍ଯ୍ୟ। ଏହାର ତାତ୍ପର୍ଯ୍ୟ ହେଉଛି ପ୍ରାପ୍ତିଯୋଗ୍ୟ ବର୍ଦ୍ଧନମୁଖର ଗତିଶୀଳତା। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅନୁଶ୍ରୁତି ପୁସ୍ତକରେ କହିଛନ୍ତି - 'ଆର୍ଯ୍ୟ ତାଙ୍କୁ ହିଁ କହେ, କୃଷ୍ଟି ପଥରେ ଦୃଷ୍ଟି ନେଇ ଇଷ୍ଟ ପଥରେ ରହେ, ରକ୍ତରେ ଗୁମ୍ଫା ଆର୍ଯ୍ୟ ଆଭା ତପଃ କୌତୁହଳେ।' 'ଋ' ଧାତୁର ଏହି ଗତି ହେଲା - ତାର ଉତ୍ସରୁ ନିରନ୍ତର ଚଳମାନତା, ବୃଦ୍ଧି ହୋଇ ବହୁରେ ବିସ୍ତାର ଲାଭ କରିବା ଏବଂ ପ୍ରାପ୍ତି ହେଲା - ସେହି ବହୁକୁ ନେଇ ପୁନରାୟ ଉତ୍ସରେ ସାର୍ଥକ ହୋଇ ଉଠିବା, ଏକ ଅଦ୍ୱିତୀୟରେ ସାର୍ଥକ ହୋଇ ଉଠିବା। ଆଉ 'କୃଷ୍ଟି' ଆସିଛି 'କୃଷ୍' ଧାତୁରୁ। କୃଷ୍ ଧାତୁର ଅର୍ଥ କର୍ଷଣ, ଆକର୍ଷଣ ଓ ଆଧିପତ୍ୟ ଅର୍ଜ୍ଜନ। ଗୋଟିଏ କଥାରେ କୃଷ୍ଟି ଶବ୍ଦର ତାତ୍ପର୍ଯ୍ୟ ହେଲା - ଯେଉଁ କର୍ଷଣ ବା ଅନୁଶୀଳନ ଦ୍ୱାରା ମନୁଷ୍ୟ ତାର ନିଜ - ନିଜ - ପ୍ରାଚୀନ ଜୀବନ ବର୍ଦ୍ଧନୀ ଅନୁଶୀଳନର ଧାରାକୁ ବର୍ତ୍ତମାନ ଆଦର୍ଶଙ୍କ ମାଧ୍ୟମରେ ପରିବର୍ଦ୍ଧିତ କରି ବୃଦ୍ଧି ପଥରେ ସଞ୍ଚାଳିତ ହୁଏ, ତେଣୁ ଆର୍ଯ୍ୟକୃଷ୍ଟି ମାନେ ବୃଦ୍ଧିମୁଖୀ କୃଷ୍ଟି। 'କୃଷ୍ଟି'ର ଏକ ଉଦାହରଣରେ ବୁଝାଯାଉଛି ଯେ କୃଷକ କ୍ଷେତକୁ ବାରମ୍ବାର କର୍ଷଣ କରି ଫସଲ ପାଇଁ ଉପଯୁକ୍ତ କରି ଗଢ଼ିତୋଳେ।

ଏହି ଶୁଭ ସନ୍ଦିପନୀ ନିୟମ ମଧ୍ୟରୁ ସବୁଠାରୁ ପ୍ରଥମ ଓ ପ୍ରଧାନ ନିୟମ ଯାହାକୁ ଋଷିମାନେ ଜୀବନରେ ଅନିବାର୍ଯ୍ୟ ବୋଲି କହି ଯାଇଛନ୍ତି - ତାହା ହେଉଛି 'ଇଷ୍ଟଗ୍ରହଣ'। ଦିନେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ପ୍ରଶ୍ନ କରାଯାଇଥିଲା ଯେ ମଣିଷକୁ ଉପଯୁକ୍ତ ଓ ପ୍ରକୃତ ମଣିଷ ଭଳି ମଣିଷ ଗଢ଼ି ତୋଳିବାର ଉପାୟ କ'ଣ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଗୋଟିଏ ବାକ୍ୟରେ ତାର ଉତ୍ତର ଦେଇଥିଲେ ଯେ 'ଆର୍ଯ୍ୟକୃଷ୍ଟି'ରେ ହିଁ କେବଳ ମଣିଷକୁ ପ୍ରକୃତ ମଣିଷ କରି ଗଢ଼ି ତୋଳିବା ଓ ଭଲ ଭାବରେ ରହିବାର ପ୍ରକ୍ରିୟା କୁହାଯାଇଛି। ସବୁଠାରୁ ଉପରେ ରହିଛି ଧଳା ବା ଶ୍ୱେତ ଯାହା ବିପ୍ରର ପ୍ରତୀକ। ଯାହା ମସ୍ତିଷ୍କର କାର୍ଯ୍ୟ କରେ। ବିପ୍ରର କାର୍ଯ୍ୟ - ସତ୍ ସଦାଚାର, ସାତ୍ତ୍ୱିକ, ଦାନ, ଧର୍ମ ଓ ଶାନ୍ତି। କ୍ଷତ୍ରିୟମାନେ ଦେଶକୁ ଯୁଦ୍ଧ କରି ସୁରକ୍ଷା କରନ୍ତି ସେମାନଙ୍କର ରଙ୍ଗ ରକ୍ତ (ନାଲି) ବର୍ଣ୍ଣ, ଅର୍ଥାତ୍, ଶୌର୍ଯ୍ୟ ଅସତ୍ ନିରୋଧୀ ପରାକ୍ରମ, କ୍ଷତର ତ୍ରାଣ କରିବା ଇତ୍ୟାଦି ଯାହାକି ମଣିଷର ବାହୁ ବା ହାତର କାର୍ଯ୍ୟ। ତେଣୁ କ୍ଷତ୍ରିୟ ମାନେ ମଣିଷର ବାହୁ ସଦୃଶ କାର୍ଯ୍ୟ କରନ୍ତି। ବୈଶ୍ୟ ଯେଉଁମାନେ କି ଦେଶ ପାଇଁ କୃଷି, ବେପାର, ବାଣିଜ୍ୟ, ଗୋପାଳନ, ଶିଳ୍ପ ଇତ୍ୟାଦି କାର୍ଯ୍ୟ କରି ଅର୍ଥନୈତିକ ଉନ୍ନତି ସାଧନ କରନ୍ତି ସେମାନଙ୍କର ରଙ୍ଗ ହଳଦିଆ। ଯାହାକୁ ମଣିଷର ଉଦର ସହିତ ତୁଳନା କରାଯାଇଛି। ପତାକାର ସବାତଳେ ରହିଛି ସବୁଜ ରଙ୍ଗ ଯାହାକି ଶୂଦ୍ରର ପ୍ରତୀକ। ଶୂଦ୍ରମାନେ ସେବା, ଶ୍ରମଦାନ ଓ ପରିଚର୍ଯ୍ୟା ଇତ୍ୟାଦି କର୍ମ କରି ଜାତିର ଚକ ସଦୃଶ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କୁ ମଣିଷର ହାତ ପାଦ ସହିତ ତୁଳନା କରାଯାଇଛି।

ଆଉ ଏହି ଚାରୋଟି ରଙ୍ଗଙ୍କୁ ସ୍ପର୍ଶ କରି ମଧ୍ୟ ଭାଗରେ ରହିଛି ସୁଦର୍ଶନ ଚକ୍ର। ଯାହାକି ସାମ୍ୟର ପ୍ରତୀକ, ନିୟନ୍ତ୍ରଣର ପ୍ରତୀକ, ଚକ୍ର ମଧ୍ୟରେ ରହିଛି ଏକ ବିଦ୍ୟୁତ୍ ଝଲକର ଚିହ୍ନ ଯାହାକି ଉଜ୍ଜ୍ୱଳତା ଓ ଗତିର ପ୍ରତୀକ, ଏକ ଆଦର୍ଶଙ୍କୁ କେନ୍ଦ୍ର କରି ଚାଲିବାର ପ୍ରତୀକ। ଏହିପରି ଭାବରେ ଆର୍ଯ୍ୟକୃଷ୍ଟି ପତାକାର ବିଭିନ୍ନ ରଙ୍ଗ ସହିତ ବିଭିନ୍ନ ବର୍ଣ୍ଣର ସାମଞ୍ଜସ୍ୟ ଓ ତାର ବିଶେଷତ୍ୱ ବର୍ଣ୍ଣିତ ହୋଇଛି। ଏହି ଚାରୋଟି ବର୍ଣ୍ଣ ମଧ୍ୟରେ କିପରି ସମନ୍ୱୟ ଓ ସହଯୋଗ ରହିବ ଏବଂ ପରସ୍ପର ପରସ୍ପର ମଧ୍ୟରେ ଐକ୍ୟ ବଜାୟ ରହିବ ସେ ବିଷୟରେ ବିଷଦ ଭାବରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବର୍ଣ୍ଣନା କରିଛନ୍ତି । ଆମର ଋଷି ମହାପୁରୁଷ ମାନେ ଯାହା କରି ଯାଇଛନ୍ତି ତା'ହେଲା ପ୍ରାକୃତିକ ବିଧାନ। ସେଥିପାଇଁ ପ୍ରୟୋଜନ - ସମସ୍ତଙ୍କୁ ଧାରଣ, ପାଳନ, ପୋଷଣ ଓ ପୂରଣ କରୁଥିବା ଏପରି ଏକ ମୂର୍ତ୍ତ ଆଦର୍ଶରେ ସଂନ୍ୟସ୍ତ ହେବା। ତଦ୍ୱାରା ପ୍ରତ୍ୟେକେ ତାର ବୈଶିଷ୍ଟ୍ୟ ଅକ୍ଷୁର୍ଣ୍ଣ ରଖି ମଧ୍ୟ ଐକ୍ୟବଦ୍ଧ ଓ ପାରସ୍ପରିକତାରେ ସମ୍ବନ୍ଧ ହୋଇ ଉଠନ୍ତି। ପରିଶେଷରେ ଆସନ୍ତୁ, ସମସ୍ତେ ଏହି ଆର୍ଯ୍ୟକୃଷ୍ଟି ପତାକା ତଳେ ସମବେତ ହୋଇ ପରସ୍ପର ମଧ୍ୟରେ ଐକ୍ୟ, ସୁସଙ୍ଗତି ଓ ସହଯୋଗ ବଜାୟ ରଖି ସଭିଏଁ ସଭିଙ୍କୁ ପ୍ରେମଡୋରୀରେ ବାନ୍ଧି ଏକ ସ୍ୱରରେ ଗାଇ ଉଠିବା - 'ବନ୍ଦେ ପୁରୁଷୋତ୍ତମମ୍, ବନ୍ଦେ ଆର୍ଯ୍ୟପିତୃନ୍, ବନ୍ଦେ ମାତୃବର୍ଗାନ୍, ବନ୍ଦେ ଅହଂ କୃଷ୍ଟି ଦୈବତଂ, ବନ୍ଦେ ପୁରୁଷୋତ୍ତମମ୍।' ଜୟଗୁରୁ।


+ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


# ଆନନ୍ଦାନୁଭୂତି


ଇଂ.ସଚ୍ଚିଦାନନ୍ଦ ନନ୍ଦ


ଉପନିଷଦ ଯୁଗର ଦିବ୍ୟଦ୍ରଷ୍ଟା ମହାନ ଋଷିଗଣ ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ନିର୍ଦ୍ଧାରଣ କରି କହିଛନ୍ତି ଯେ ତା' ହେଉଛି 'ପରମାନନ୍ଦ ପ୍ରାପ୍ତ କରିବା।' କହିବା କଥା ମଣିଷ ଅସହାୟ ଶିଶୁ ଭାବେ ଜନ୍ମ ନିଏ, କାଳକ୍ରମେ ବଢ଼େ, ରୋଜଗାରକ୍ଷମ ହୁଏ, ପୁନଶ୍ଚ ସନ୍ତାନ ଉତ୍ପାଦନ କରି ବୟସ୍କ ହୋଇ, ରାଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରେ। କିନ୍ତୁ ଏଇଥିପାଇଁ ସେ କ'ଣ ସେ ଏଠାକୁ ଆସିଥିଲା ? ଏ ପ୍ରକାର ଜୀବନରେ କିଛି ସୁଖ, ଶାନ୍ତି ଓ ଆନନ୍ଦ ନାହିଁ ବୋଲି କହିହେବ ନାହିଁ ? କିନ୍ତୁ ଏହି ସୁଖ, ଶାନ୍ତି ଓ ଆନନ୍ଦ ତୁଳନାରେ ବହୁଗୁଣ ଅଧିକ ଦୁଃଖ, କଷ୍ଟ ଓ ଯନ୍ତ୍ରଣା ଭୋଗିବାକୁ ପଡ଼ିଥାଏ। ଆମ ଜୀବନର ଲକ୍ଷ୍ୟ ସ୍ଥିର କରିଥିବା ଈଶ୍ୱରକୋଟୀ ପୁରୁଷମାନେ ଘୋଷଣା କରିଛନ୍ତି ଯେ ମଣିଷ ଜନ୍ମଲାଭ କରିଛି ପରମାନନ୍ଦ ପ୍ରାପ୍ତି ପାଇଁ, ଶାନ୍ତି ପାଇଁ, ନିତ୍ୟ ତୃପ୍ତି ପାଇଁ। ଦୁଃଖ, ସଂଗ୍ରାମ ଓ ବ୍ୟସ୍ତତା ପାଇଁ ନୁହେଁ। ଶତାବ୍ଦୀ ଶତାବ୍ଦୀ ଧରି ସାଧୁସନ୍ଥ ମାନେ ସଦଗୁରୁ ଓ ଦିବ୍ୟ ପୁରୁଷଗଣ ମନୁଷ୍ୟ ସମାଜକୁ ବାରମ୍ବାର ଆହ୍ୱାନ ଦେଇ ଆସିଛନ୍ତି ଯେ ସେମାନେ ଜୀବନର ଅନ୍ତିମ ଲକ୍ଷ୍ୟକୁ ଭୁଲି ନଯାଇ ତାହା ଲାଭ କରିବାକୁ ଶତତ ଉଦ୍ୟମଶୀଳ ହୁଅନ୍ତୁ ଓ ସେହି ଲକ୍ଷ୍ୟ ହାସଲ କରି ପରମାନନ୍ଦ ପ୍ରାପ୍ତ ହୁଅନ୍ତୁ। ଏ ସଂସାର ଅନିତ୍ୟ ଓ ଦୁଃଖପୂର୍ଣ୍ଣ ବୋଲି ସେମାନେ ମଧ୍ୟ ଜାଣିଥିଲେ। ଏହା ସତ୍ତ୍ୱେ ସେମାନେ ଲକ୍ଷ୍ୟ ହାସଲ କରିବା ପାଇଁ କହିବା କେତେଦୂର ଯୁକ୍ତିଯୁକ୍ତ ? ଏହାର ଉତ୍ତରରେ ସେମାନେ କହିଛନ୍ତି, ଦୁଃଖ, ଯନ୍ତ୍ରଣା ଓ ଏତାଦୃଶ ବାଧାବିଘ୍ନ ମଧ୍ୟ ଦେଇ ହିଁ ସାଧନା ଚଳାଇ ରଖିବାକୁ ହୁଏ। ଏହା ନଥାଇ କେବଳ ଦୋଳିରେ ଝୁଲି ଝୁଲି, ମଳୟ ପବନରେ ବୁଲି ବୁଲି, କୋଇଲିର କୁହୁ ତାନ ଶୁଣି ଶୁଣି କେହି କ'ଣ ଆନନ୍ଦ ପାଇଲାଣି ? ଆନନ୍ଦ ପ୍ରାପ୍ତ ହୋଇଥିବା ରାଜା ଜନକ ରାଜା ହୋଇ ମଧ୍ୟ ହଳ ଲଙ୍ଗଳ ଧରି ଜମି ଚାଷ କରୁଥିଲେ। କେବଳ ଫଟୋ ଉଠାଇବା ପାଇଁ ନୁହେଁ, ପ୍ରଚାର ସର୍ବସ୍ୱ ପାଇଁ ନୁହେଁ। ପ୍ରଜାମାନଙ୍କ ସମକ୍ଷରେ ଉଚ୍ଚ ଆଦର୍ଶ ରକ୍ଷା କରିବା ପାଇଁ ଓ ନିଜର ପରମ କର୍ତ୍ତବ୍ୟ ପାଳନ କରିବା ପାଇଁ ଓ ଏହାଦ୍ୱାରା ଲୋକ ଶିକ୍ଷା ପ୍ରଦାନ କରିବା ପାଇଁ। ସେ କାମ କ'ଣ ତାଙ୍କୁ କଷ୍ଟ ଦେଇ ନଥିବ ? ଏହିସବୁ କଷ୍ଟ ସତ୍ତ୍ୱେ ସେ ଜୀବନର ଲକ୍ଷ୍ୟପଥରୁ ବିଚ୍ୟୁତ ହୋଇ ନଥିଲେ ଯେଉଁଥିପାଇଁ ଚାଷ ଜମିରୁ ପୁରସ୍କାର ସ୍ୱରୂପ ଦେବୀ ସୀତାଙ୍କୁ ପାଇଥିଲେ।

ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ଆପଣ ଯଦି ନିଜ ଭିତରେ ଭଗବତ ବିଶ୍ୱାସର, ଆତ୍ମ ବିଶ୍ୱାସର, ଆଧ୍ୟାତ୍ମିକ ସାଧନା ଉପରେ ବିଶ୍ୱାସର, ଗୁରୁ ବାକ୍ୟରେ ବିଶ୍ୱାସର, ଶାସ୍ତ୍ର ବାଣୀରେ ବିଶ୍ୱାସର ବିକାଶ କରିବା ପାଇଁ ସଦା ପ୍ରଯତ୍ନଶୀଳ ହୋଇଥିବେ ତେବେ ଯାଇ ନିଜର ଆଧ୍ୟାତ୍ମିକ ଉଦ୍ୟମଶୀଳତା ଫଳବତୀ ହୋଇ ବିକାଶକୁ ତ୍ୱରାନ୍ୱିତ କରିବ। ଆଧ୍ୟାତ୍ମିକ ସାଧନା ପଥରେ ବିଶ୍ୱାସ ହିଁ ସବୁଠାରୁ ବଡ଼ କଥା। ଭଗବାନଙ୍କ ସହିତ ସଂଯୁକ୍ତ ନ ହୋଇ କେହି କେବେ ଆନନ୍ଦ ଲାଭ କରିନାହାନ୍ତି। ଏହାର ଉପର ସୋପାନଗୁଡ଼ିକୁ ଆରୋହଣ କରିବା ଆହୁରି କଷ୍ଟକର। ସେ ଗୁଡ଼ିକ ହେଉଛି - ନିତ୍ୟାନନ୍ଦ, ସତାନନ୍ଦ, ରସାନନ୍ଦ, ପରମାନନ୍ଦ, ପ୍ରେମାନନ୍ଦ, ସଚ୍ଚିଦାନନ୍ଦ ଓ ବ୍ରହ୍ମାନନ୍ଦ ସ୍ତର। ଥରେ ସେ ଶିଢ଼ିରେ ପାଦ ଦେଲେ ତାହା ସାଧକକୁ ଆପେ ଆପେ ସର୍ବୋଚ୍ଚ ଆନନ୍ଦ ସ୍ତରକୁ ଘେନିଯାଏ। ଯାହା ଶାସ୍ତ୍ରମାନେ ଘୋଷଣା କରିଛନ୍ତି, ଯାହା ଆପ୍ତବାକ୍ୟ କହେ, ଅବତାର ପୁରୁଷମାନେ ଯାହା କହିଛନ୍ତି ମାନବ ମୂଳତଃ ବ୍ରହ୍ମକୁ ନିଜ ଭିତରେ ଧାରଣ କରି ଚାଲିଛି। ତାହା ଉପଲବ୍ଧି କଲେ ଯାଇ ବ୍ରହ୍ମାନନ୍ଦ ସ୍ତରରେ ପହଞ୍ଚିବ। ଆମ୍ଭେମାନେ ମୂଳତଃ ଆତ୍ମା, ଏହି ଉପଲବ୍ଧି ଆସିବା ଦରକାର। ନ ହେଲେ ଆନନ୍ଦ ଅନ୍ୟ କେଉଁଠାରୁ ମିଳି ପାରିବ ନାହିଁ। ଏଥିପାଇଁ ଆତ୍ମା ସହ ସଂଯୋଗ ସ୍ଥାପନ ଦରକାର। ଯେମିତି ରାସ୍ତାରେ ଥିବା ବତୀଖୁଣ୍ଟ ସହ ଆମ ଘରର ବିଦ୍ୟୁତ୍ ବ୍ୟବସ୍ଥା ସଂଯୁକ୍ତ ନହେଲେ ରାସ୍ତା ଖୁଣ୍ଟ ଯେତେ ପାଖରେ ଥିଲେ ବି ଆମ ଘର ଆଲୋକିତ ହୋଇପାରେ ନାହିଁ, ଠିକ୍ ସେହିଭଳି ଶ୍ରେଷ୍ଠ ଆନନ୍ଦର ଉତ୍ସ ଆମ ଅନ୍ତରରେ ବିଦ୍ୟମାନ ଥିଲେ ବି ତାହା ସହ ସଂଯୁକ୍ତ ନହେଲେ ଆନନ୍ଦାନୁଭୂତି ଆମ ପାଇଁ ସୁଦୂରପରାହତ ହୋଇଯିବ। ଗଛର ଚେର ମାଟି ଭିତରକୁ ଯାଇ ସେଠାରୁ ଜଳ ଶୋଷଣ କରି ଉପରେ ଥିବା ପତ୍ରମାନଙ୍କୁ ପଠାଇ ସତେଜ ଓ ସବୁଜ ରଖିଥାଏ। ଆମ ଚେର ମଧ୍ୟ ଆମ ଭିତରେ ଥିବା ଉତ୍ସ ସହ ସଂଯୁକ୍ତ ହେଲେ ଯାଇ ଆମ ଅନ୍ତରିନ୍ଦ୍ରିୟ ଓ ଆତ୍ମା ଚିର ସତେଜ ଓ ସବୁଜ (ଆନନ୍ଦ) ରହିପାରିବ। ଉତ୍ସ ସହ ସଂଯୁକ୍ତ ହେବା ଅର୍ଥ ନାମ ମାଧ୍ୟମରେ ନାମୀ ସହ ସଂଯୁକ୍ତ ହେବା। ନାମ ଓ ନାମୀ ଏକ, ଅଭିନ୍ନ ଓ ସମାନ ଶକ୍ତି ବିଶିଷ୍ଟ। ଭଜନରେ କୁହାଯାଇଛି - 'ଜପ ଧ୍ୟାନ ବିନା ସଂଯୋଗନାହିଁ। ଜପ ଧ୍ୟାନ ହିଁ ମାଧ୍ୟମ।' ଓଡ଼ିଶାର ପ୍ରାଚୀନ କବିମାନେ ତାଙ୍କ ରଚନାରେ କହିଥିଲେ, 'ହରିନାମେ କି ରସ ଅଛି, ପାନ କଲା ଲୋକ ସନା ଜାଣିଛି।' କି ରସ ଅଛି ଅର୍ଥ ଆନନ୍ଦ ରସ ଅଛି। ରସ ହିଁ ଆନନ୍ଦର ଅନ୍ୟ ନାମ। କେବଳ ନାମରେ ହିଁ ଆନନ୍ଦ ଥାଏ। ଅନ୍ୟ ଜଣେ କବି କହିଲେ - ବନ୍ଧ୍ୟା ନାରୀ ବୀର ପୁତ୍ରର ଜନନୀ ହୋଇଛନ୍ତି। ଦିନେ କେବେ ଏହା ସମ୍ଭବ ହୋଇପାରେ; କିନ୍ତୁ ହରି ନାମ ବିନା ଜଣେ ଆନନ୍ଦ ପାଇଛନ୍ତି ଏହା ଅସମ୍ଭବ। ଠେକୁଆ ମୁଣ୍ଡରେ ଶିଙ୍ଘ ଉଠିଛି, କୌଣସି ସମୟରେ ଏହା ସମ୍ଭବ ହୋଇପାରେ; କିନ୍ତୁ ହରିନାମ ବିନା ଆନନ୍ଦ ଅସମ୍ଭବ। ବରଫ ଖଣ୍ଡଟି ଜଳୁଛି, ଏହା କେବଳ ସମ୍ଭବ ହୋଇପାରେ; କିନ୍ତୁ ହରିନାମ ବିନା ଆନନ୍ଦ ସମ୍ଭବ ନୁହେଁ। ଧଳା ରଙ୍ଗର କୁଆ ଦିନେ କେବେ ଦେଖିବାକୁ ମିଳିପାରେ, କିନ୍ତୁ ହରିନାମ ବିନା ଆନନ୍ଦ କେବେହେଲେ ମିଳିପାରିବ ନାହିଁ। ଆମ ପ୍ରଭୁ କହିଲେ ଭଜନ ବିନା ସୁଖ ଶାନ୍ତି ନାହିଁ, ହରିନାମ ବିନା ଆନନ୍ଦ ନାହିଁ। ଏ କଥା ସମସ୍ତଙ୍କୁ ଜଣା। ଏହା ଭିତରେ ଗଭୀର ବିଶ୍ୱାସ ସ୍ଥାପନ କରାଯାଉ। ଏହାକୁ ପରମ ସତ୍ୟ ଭାବେ ଗ୍ରହଣ କରାଯାଉ। ଭଗବତ ବାଣୀ ଉପରେ ଆଦୌ ସନ୍ଦେହ କରା ନଯାଉ। ଭାଗବତ ବାଣୀ 'ଶ୍ରୀକୃଷ୍ଣ ପରମ ମଙ୍ଗଳ, ସକଳ ଆନନ୍ଦର ମୂଳ'। ଏଠାରେ ଶ୍ରୀକୃଷ୍ଣ ଅର୍ଥ ପରଂବ୍ରହ୍ମଙ୍କର ଯେ କୌଣସି ନାମ, ରୂପ ବିଶିଷ୍ଟ ଶକ୍ତି। ତାହା ହିଁ ପରମ ମଙ୍ଗଳ। ତାହା ହିଁ ସକଳ ଆନନ୍ଦର ମୂଳ। କେତେ ସୁନ୍ଦର ଭାବେ ଆନନ୍ଦର ଠିକଣା ବତାଇ ଦିଆଯାଇଛି ଏଠାରେ। ସାଧକ କେବଳ ସେ ଠିକଣାରେ ପହଞ୍ଚିବା ଦରକାର। ଏ ଦିଗରେ ଥିବା ବାଧା ପ୍ରତିବନ୍ଧକ ଆପେ ଆପେ ଶିଥିଳ ହୋଇଯିବ, ଶିକୁଳି ଫିଟିଯିବ ଗୋଟିଏ ସାଧନାରେ। ତାହା ହେଉଛି ନାମ ପ୍ରୀତିରେ ନାମୀଙ୍କୁ ପାଇବାର ବ୍ୟାକୁଳତାରେ। ଭଗବାନ ବାବା ତାଙ୍କ ବାଣୀରେ କହିଛନ୍ତି, ତୁମେ ଆନନ୍ଦ ପାଇବା ପାଇଁ ଯେତିକି ମାତ୍ରାରେ ବ୍ୟାକୁଳ, ମୁଁ ଆନନ୍ଦ ଦେବା ପାଇଁ ସେତିକି ମାତ୍ରାରେ ବ୍ୟାକୁଳ ହୁଏ। ତେଣୁ ଆନନ୍ଦ ପାଇବା, କେତେ ଶୀଘ୍ର ପାଇବା, କେତେ ମାତ୍ରାରେ ପାଇବା ତାହା ନିର୍ଭର କରେ ମନୁଷ୍ୟ ଉପରେ, ତା'ବ୍ୟାକୁଳତାର ମାତ୍ରା ଉପରେ। ଗୀତାରେ ଆଉ ଏକ ବିକଳ୍ପ ଦିଆଯାଇଛି। କୁହାଯାଇଛି - ଜପ, ଧ୍ୟାନ, କର୍ମଫଳ ତ୍ୟାଗ ଯଦି ସମ୍ଭବ ନ ହେଉଛି ତେବେ 'ମଦର୍ଥମ୍ କୁରୁ କର୍ମାଣୀ'। ତାଙ୍କ ପାଇଁ କାମ କରିବା ଅର୍ଥ ତାଙ୍କ ନିର୍ଦ୍ଦେଶ ମାନି କର୍ମମୟ ଜୀବନ ଅତିବାହିତ କରିବା। ସେ ପ୍ରକାର ଜୀବନରେ ଆଉ କିଛି ଭାବିବା, ଭୁଲ ଠିକ ବିଚାର କରିବା, କେଉଁ ସମୟରେ, କେଉଁ ସ୍ଥାନରେ, କେଉଁ ପରିସ୍ଥିତିରେ କ'ଣ କରିବା - ଏ ସବୁ ଚିନ୍ତା କରିବା ଦରକାର ନାହିଁ। ଭଗବାନଙ୍କ ବାଣୀ ପାଳନ କରିବା ହିଁ ସେବା, ତାହା ହିଁ ପରୋପକାର, ତାହା ହିଁ ସର୍ବଶ୍ରେଷ୍ଠ ପୂଜା। ଭଗବାନ ଅଟନ୍ତି କୃପା ପାରାବାର। ଭାଗବତ କୃପା ମିଳେ ତାଙ୍କ ନିର୍ଦ୍ଦେଶରେ ଜୀବନ ବିତାଇବା ଦ୍ୱାରା। ଭଗବତ କୃପା ମିଳିଗଲେ ଆଉ କ'ଣ ପାଇବାକୁ ବାକି ରହେ ? ଆନନ୍ଦ ପାଇବା ପାଇଁ ଅନ୍ୟ କୌଣସି ଉପାୟ ଖୋଜିବାକୁ ପଡ଼େ କି ? ଆନନ୍ଦର ମୂଳ ପାଖରେ ଯିଏ ପହଞ୍ଚି ପାରିଛି ସେ ତା'ର ସ୍ୱରୂପ ସନ୍ଧାନ ପାଇବାକୁ ଆଉ ବିଳମ୍ବ ହେବନାହିଁ। ସ୍ୱରୂପ କ'ଣ ? ପ୍ରତ୍ୟେକଙ୍କର ସ୍ୱରୂପ ହେଉଛି ସଚ୍ଚିଦାନନ୍ଦ, ଅସ୍ତି ଜାତି ପ୍ରିୟମ୍, ସତ୍ୟଂ ଶିବଂ ସୁନ୍ଦରମ୍। ଜଗତଗୁରୁ ଶଙ୍କରାଚାର୍ଯ୍ୟ ତାଙ୍କ ମୋହମୁଦ୍‌ଗର କାବ୍ୟରେ ଲେଖିଲେ - 'ଯସ୍ୟ ବ୍ରହ୍ମଣି ରମତେ ଚିତ୍ତମ୍, ନନ୍ଦତି ନନ୍ଦତି ଏବ'। ଅର୍ଥାତ୍ ମନ ଯଦି ପରଂବ୍ରହ୍ମଙ୍କ ଠାରେ ରମଣ କରୁଥାଏ ତେବେ ସେ ପରମାନନ୍ଦରେ କାଳ କଟାଇବ। ଭଗବାନ ବାବା କହିଲେ - ଆନନ୍ଦପ୍ରଦ ଭାବନା ତୁଲ୍ୟ ଡାକ୍ତର ଆଉ କେହି ନାହାନ୍ତି, ଯାହା ଶରୀରକୁ ଓ ମନକୁ ଆରୋଗ୍ୟ ପ୍ରଦାନ କରିପାରିବ। ଆନନ୍ଦ ମିଣିଷ ପାଇଁ ଗୋଟିଏ ବିଚିତ୍ର କଥା ନୁହେଁ, ଗୋଟିଏ ବିଦେଶୀ କଥା ନୁହେଁ, ଗୋଟିଏ ଅଦ୍ଭୁତ କଥା ମଧ୍ୟ ନୁହେଁ। ଏହା ଆମର ଅଶ୍ରୁତପୂର୍ବ, ଅଦୃଷ୍ଟପୂର୍ବ ନୁହେଁ। ଏହା ଆମର ସହଜାତ ବିଷୟ। ଏହାକୁ ପାଇବା ଆମର ଜନ୍ମସିଦ୍ଧି ଅଧିକାର। ମଣିଷ ମାତ୍ରେ ହିଁ ସଚ୍ଚିଦାନନ୍ଦ। ଏହି ଦୀର୍ଘବିସ୍ତୃତ ସତ୍ୟକୁ ପୁନର୍ବାର ଫେରିବା ପାଇବା ଗୁରୁତ୍ୱପୂର୍ଣ୍ଣ।


ସଂପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ', ଅଲିଶା ବଜାର, କଟକ,
ମୋ : ୯୩୩୭୨୪୨୯୫୫

# ଶୀତଦିନେ ଧନିଆ ଖାଆନ୍ତୁ: ଆଣ୍ଠୁଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ପାଆନ୍ତୁ

ଧନିଆ ଭାରତୀୟ ଖାଦ୍ୟରେ ସବୁଠାରୁ ସାଧାରଣ ଏବଂ ଲୋକପ୍ରିୟ ମସଲା ମଧ୍ୟରୁ ଗୋଟିଏ । ଏହା ପନିପରିବା, ଡାଲି, କିମ୍ବା ଚଟଣି ହେଉ, ଏହାର ସୁଗନ୍ଧ ଏବଂ ସ୍ୱାଦ ପ୍ରତ୍ୟେକ ଖାଦ୍ୟକୁ ବୃଦ୍ଧି କରିଥାଏ । କିନ୍ତୁ ଆପଣ କ'ଣ ଜାଣନ୍ତି ଯେ ଏହା କେବଳ ସ୍ୱାଦ ବୃଦ୍ଧି କରିବା ପାଇଁ ନୁହେଁ, ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ? ହଁ, ସବୁଜ ଧନିଆ ପତ୍ର ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ହୋଇପାରେ। ଏହା କେବଳ ଆମର ମତ ନୁହେଁ, ବରଂ ଆଚାର୍ଯ୍ୟ ବାଲକୃଷ୍ଣଙ୍କ ମଧ୍ୟ ଏହା କୁହନ୍ତି । ଆଚାର୍ଯ୍ୟ ବାଲକୃଷ୍ଣଙ୍କ ଅନୁସାରେ, ଧନିଆରେ ଅନେକ ଲୁକ୍କାୟିତ ଗୁଣ ଅଛି ଯାହା ଶରୀର ଏବଂ ମନ ଉଭୟ ପାଇଁ ଲାଭଦାୟକ । ସେ କରିଥିଲେ ଯେ ଧନିଆ ପାଚନ ପ୍ରକ୍ରିୟାକୁ ଉନ୍ନତ କରେ, ମେଟାବୋଲିଜିମକୁ ସକ୍ରିୟ କରେ ଏବଂ ଶରୀରରୁ କ୍ଷତିକାରକ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରେ । ଏହା ବ୍ୟତୀତ, ଏହା ହୃଦୟ ସ୍ୱାସ୍ଥ୍ୟ ବଜାୟ ରଖିବା, ପ୍ରଦାହ ହ୍ରାସ କରିବା ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମଧ୍ୟ ସହାୟକ । ଧନିଆ କେବଳ ଏକ ସ୍ୱାଦିଷ୍ଟ ମସଲା ନୁହେଁ, ଏହା ଆମ ସ୍ୱାସ୍ଥ୍ୟ ପାଇଁ ଏକ ଉତ୍କୃଷ୍ଟ ଅସ୍ତ୍ର ମଧ୍ୟ। ଏହାକୁ ଆପଣଙ୍କ ଦୈନନ୍ଦିନ ଖାଦ୍ୟରେ ସାମିଲ କରିବା ଯେକୌଣସି ସମୟରେ ଲାଭଦାୟକ ସାବ୍ୟସ୍ତ ହୋଇପାରେ।



ପେଟ ଏବଂ ପାଚନ ପାଇଁ ଲାଭଦାୟକ: ଧନିଆ ପାଚନକୁ ଉନ୍ନତ କରେ ଏବଂ ପେଟ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ପେଟ ଫୁଲିବା, ଗ୍ୟାସ୍ କିମ୍ବା ଏସିଡିଟିରେ ପୀଡିତ, ତେବେ ନିୟମିତ ଧନିଆ ବ୍ୟବହାର ବହୁତ ଲାଭଦାୟକ ପ୍ରମାଣିତ ହୁଏ । ପତ୍ରର ରସ କିମ୍ବା ଧନିଆ ପାଉଡର ସେବନ ପେଟକୁ ହାଲୁକା ରଖିବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବାରେ ସାହାଯ୍ୟ କରେ । ଧନିଆ କେବଳ ହଜମ ପାଇଁ ଲାଭଦାୟକ ନୁହେଁ, ଏହା ଗଳା ଏବଂ କାଶରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଧନିଆ ପତ୍ର କିମ୍ବା ରସର ଏକ ଛୋଟ ମାତ୍ରା ପିଲାମାନଙ୍କ କାଶରୁ ମୁକ୍ତି ଦେଇପାରେ। ଏହା ଗଳା ଯନ୍ତ୍ରଣା ଏବଂ ଘା' ହେବା ଚିକିତ୍ସାରେ ମଧ୍ୟ ପ୍ରଭାବଶାଳୀ । ଧନିଆ ପାଉଡରକୁ ପାଣିରେ ମିଶାଇ ପିଇବା ଦ୍ୱାରା ମୁଣ୍ଡବିନ୍ଧା ଏବଂ ଗରମଜନିତ ଅସୁବିଧାରୁ ମୁକ୍ତି ମିଳିଥାଏ । ଧନିଆର ବ୍ୟବହାର ଦ୍ୱାରା ଆଣ୍ଠୁଗଣ୍ଠି ଏବଂ ଋତୁସ୍ରାବ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ ।

# ଆଖିରୁ ଜାଣନ୍ତୁ ମଧୁମେହ ଏବଂ କୋଲେଷ୍ଟ୍ରଲର ଲକ୍ଷଣ : ପରୀକ୍ଷା ନକରି କରନ୍ତୁ ଚିହ୍ନଟ

ଆଖିକୁ ଶରୀରର ଦର୍ପଣ କୁହାଯାଏ । କେବଳ ଦୁନିଆକୁ ଦେଖିବା ପାଇଁ ନୁହେଁ, ବରଂ ଶରୀର ଭିତରେ କେଉଁ ରୋଗ ପାଦ ଥାପୁଛି, ତାହା ମଧ୍ୟ ଆଖି ମାଧ୍ୟମରେ ଜାଣିହୁଏ । ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀରେ ଡାଇବେଟିସ୍ ଏବଂ ହାଇ କୋଲେଷ୍ଟ୍ରଲ୍ ଏକ ସାଧାରଣ ସମସ୍ୟା ପାଲଟିଛି । ଅନେକ ସମୟରେ ରକ୍ତ ପରୀକ୍ଷା କରିବା ପୂର୍ବରୁ ଆମ ଆଖି କିଛି ସ୍ୱତନ୍ତ୍ର ସଙ୍କେତ ଦେଇଥାଏ, ଯାହାକୁ ଆମେ ଜାଣିବା ନିହାତି ଜରୁରୀ।

୧. ଆଖିରୁ କୋଲେଷ୍ଟ୍ରଲ୍ ବଢ଼ିବାର ସଙ୍କେତ

ଯେତେବେଳେ ଶରୀରରେ ଖରାପ କୋଲେଷ୍ଟ୍ରଲ୍ ର ମାତ୍ରା ବଢ଼ିଯାଏ, ଏହା ରକ୍ତନଳୀରେ ଜମା ହେବାକୁ ଲାଗେ। ଏହାର ପ୍ରଭାବ ଆଖିରେ ମଧ୍ୟ ଦେଖାଯାଏ:

କର୍ଣ୍ଣିଆ ଚାରିପଟେ ଧଳା ବଳୟ : ଯଦି ଆପଣଙ୍କ ଆଖିର କଳା ଡୋଳା ବା କର୍ଣ୍ଣିଆର ଚାରିପଟେ ଧଳା, ପାଉଁଶିଆ କିମ୍ବା ନୀଳ ରଙ୍ଗର ଏକ ଗୋଲାକାର ବଳୟ ଦେଖାଯାଉଛି, ତେବେ ଏହା ହାଇ କୋଲେଷ୍ଟ୍ରଲ୍‌ର ଏକ ପ୍ରମୁଖ ସଙ୍କେତ । ଏହା ଚର୍ବି ଜମା ହେବା କାରଣରୁ ହୋଇଥାଏ।

ଆଖି ପତା ଉପରେ ହଳଦିଆ ଦାଗ: ଆଖିର ଉପର କିମ୍ବା ତଳ ପତା ପାଖରେ ଛୋଟ ଛୋଟ ହଳଦିଆ ରଙ୍ଗର ମାଂସଳ ପେଣ୍ଡୁଳା ବା ଦାଗ ଦେଖାଯିବା। ଏଥିରେ ଯନ୍ତ୍ରଣା ହୁଏନାହିଁ, କିନ୍ତୁ ଏହା ଶରୀରରେ ବଢୁଥିବା ଚର୍ବି ବା କୋଲେଷ୍ଟ୍ରଲ୍‌ର ସ୍ପଷ୍ଟ ପ୍ରମାଣ।



ଦୃଷ୍ଟିଶକ୍ତି ହଠାତ୍ କମିଯିବା: କୋଲେଷ୍ଟ୍ରଲ୍ କାରଣରୁ ଆଖିକୁ ରକ୍ତ ଯୋଗାଉଥିବା ନଳୀରେ ବାଧା ସୃଷ୍ଟି ହୋଇପାରେ, ଯାହାକୁ 'ରେଟିନାଲ୍ ଆର୍ଟେରୀ ଅକ୍ଲୁଜନ' କୁହାଯାଏ। ଏହା ଦ୍ୱାରା ଜଣେ ବ୍ୟକ୍ତି ହଠାତ୍ ଦେଖିବାରେ ଅସୁବିଧା ଅନୁଭବ କରେ ।

୨. ଆଖିରୁ ଡାଇବେଟିସ୍‌ର ସଙ୍କେତ

ରକ୍ତରେ ଶର୍କରା ବା ସୁଗାରର ମାତ୍ରା ବଢ଼ିଲେ ଏହା ଆଖିର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ ନଷ୍ଟ କରିଦିଏ । ଏହାକୁ 'ଡାଇବେଟିକ୍ ରେଟିନୋପାଥି' କୁହାଯାଏ।

ଝାପ୍ସା ଦେଖାଯିବା : ଯଦି ଆପଣଙ୍କୁ ହଠାତ୍ ସବୁକିଛି ଝାପ୍ସା ଦେଖାଯାଉଛି, ତେବେ ଏହା ବଢୁଥିବା ସୁଗାରର ଲକ୍ଷଣ ହୋଇପାରେ । ରକ୍ତରେ ସୁଗାର ବଢ଼ିଲେ ଆଖିର ଲେନ୍ସ ଫୁଲିଯାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଅସ୍ପଷ୍ଟ ହୋଇଯାଏ ।

ଆଖି ଆଗରେ କଳା ଦାଗ ଉଡ଼ିବା : ଅନେକ ସମୟରେ ଡାଇବେଟିସ୍ ରୋଗୀଙ୍କୁ ଆଖି ଆଗରେ ଛୋଟ ଛୋଟ କଳା ଦାଗ, ବିନ୍ଦୁ କିମ୍ବା ବୁଢ଼ିଆଣି ଜାଲ ଭଳି କିଛି ଉଡୁଥିବାର ଦେଖାଯାଏ । ଏହା ରେଟିନାରୁ ରକ୍ତସ୍ରାବ ହେବାର ସଙ୍କେତ ହୋଇପାରେ ।

ରଙ୍ଗ ଚିହ୍ନିବାରେ ଅସୁବିଧା: ସୁଗାର ବହୁତ ଦିନ ଧରି ଅଧିକ ରହିଲେ ବ୍ୟକ୍ତି ରଙ୍ଗ ଚିହ୍ନିବାର କ୍ଷମତା ହରାଇବାକୁ ଲାଗେ। ବିଶେଷ କରି ନୀଳ ଏବଂ ହଳଦିଆ ରଙ୍ଗ ମଧ୍ୟରେ ପାର୍ଥକ୍ୟ ବୁଝିବା କଷ୍ଟକର ହୁଏ।

ରାତିରେ ଦେଖିବାରେ କଷ୍ଟ: ମଧୁମେହ କାରଣରୁ ଆଖିର ଦୃଷ୍ଟିଶକ୍ତି ଦୁର୍ବଳ ହୋଇଯାଏ, ଯାହାଫଳରେ ଅଳ୍ପ ଆଲୁଅରେ କିମ୍ବା ରାତିରେ କୌଣସି ଜିନିଷ ସଠିକ୍ ଭାବେ ଦେଖାଯାଏ ନାହିଁ।

କ'ଣ କରିବା ଉଚିତ୍: ଯଦି ଆପଣଙ୍କ ଆଖିରେ ଏହିଭଳି କୌଣସି ପରିବର୍ତ୍ତନ ଦେଖାଯାଉଛି, ତେବେ ତାକୁ ନଜରଅନ୍ଦାଜ କରନ୍ତୁ ନାହିଁ । ଜଣେ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା ସହ ନିଜର ବ୍ଲଡ୍ ସୁଗାର ଏବଂ ଲିପିଡ୍ ପ୍ରୋଫାଇଲ୍ (କୋଲେଷ୍ଟ୍ରଲ୍) ଟେଷ୍ଟ କରାଇ ନିଅନ୍ତୁ । ଆଖିରେ ଦେଖାଯାଉଥିବା ଏହି ସଙ୍କେତଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ସ୍ୱାସ୍ଥ୍ୟ ବିଷୟରେ ସୂଚନା ଦେଇଥାନ୍ତି। ସଠିକ୍ ସମୟରେ ଏହାକୁ ଚିହ୍ନଟ କରି ଚିକିତ୍ସା କଲେ ଆମେ ଭବିଷ୍ୟତରେ ଅନ୍ଧତ୍ୱ କିମ୍ବା ହୃଦଘାତ ଭଳି ବଡ଼ ବିପଦରୁ ରକ୍ଷା ପାଇପାରିବା । ମନେରଖନ୍ତୁ, ସଚେତନତା ହିଁ ସୁସ୍ଥ ଜୀବନର ଚାବିକାଠି ।




ଶୀତଦିନିଆ ପରିବା ବଜାରରେ ମଟର , ଫୁଲକୋବି , ଶିମ୍ବ ଏବଂ ମୂଳା ଭଳି ପରିବାର ଭାରି ଚାହିଦା । ବର୍ତ୍ତମାନ ପ୍ରତିଟି ପରିବା ଦୋକାନ ଦେଖିଲେ ଲାଗେ ଯେମିତି ସବୁଜ ପରିବାର ଭଣ୍ଡାର । ପାଟିକୁ ସୁଆଦ ଦେହକୁ ହିତକର ଏହି ପରିବା ଖାଇଲେ ଅନେକ ରୋଗ ମଧ୍ୟ ଦୂର ହେବା କଥା କୁହାଯାଏ । ଏହି ପରିବା ଭିତରୁ ମୂଳା ଅନ୍ୟତମ । ଖାଲି ମୂଳା କାହିଁକି ମୂଳା ସାଗ ମଧ୍ୟ ଶୀତ ଦିନରେ ଅଧିକ ସଂଖ୍ୟାରେ ଖିଆଯାଏ । ପୋଷକ ତତ୍ତ୍ୱରେ ଭରପୁର ମୂଳା ସାଗ ସ୍ୱାସ୍ଥ୍ୟ ପାଇଁ ଭାରି ଭଲ । ଏଥିରେ ଭିଟାମିନ୍, ଖଣିଜ ପଦାର୍ଥ, ଫାଇବର ଏବଂ ଆଣ୍ଟିଅକ୍ସିଡାଣ୍ଟ ଥାଏ । ମୂଳା ସାଗ ଖାଇବା ଖାଲି ପାଚନ, ଚର୍ମ ଏବଂ ହୃଦୟ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ନୁହେଁ ବରଂ ଏହା ବିଷାକ୍ତ ପଦାର୍ଥ ବାହାର କରି ଶରୀରକୁ ସଫା କରିବାରେ ମଧ୍ୟ ସାହାଯ୍ୟ କରେ । ଏଥିରେ ଥିବା ଫାଇବର ହଜମ କରାଏ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେଇଥାଏ । କ୍ୟାଲସିୟମ, ପୋଟାସିୟମ ଏବଂ ଆଇରନ ଭଳି ଖଣିଜ ପଦାର୍ଥ ଥିବାରୁ ହାଡ଼କୁ ମଜବୁତ କରିବାରେ ଏବଂ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ମୂଳା ପତ୍ର ଓଜନ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ କାରଣ ଏଥିରେ କ୍ୟାଲୋରୀ କମ୍ ଥାଏ ଏବଂ ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ପେଟ ଫୁଲ୍ ରଖିଥାଏ । ମୂଳା ସାଗ ଶରୀର ପାଇଁ ଏକ ବରଦାନ ସଦୃଶ କାରଣ ଯଦି ଆପଣ ଅର୍ଶରେ ପୀଡ଼ିତ ତେବେ ଏହି ପତ୍ରର ଔଷଧୀୟ ଗୁଣ ଅର୍ଶ ଲକ୍ଷଣରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ । ଏହି ପତ୍ରର ରସ ପାଚନ କ୍ରିୟାକୁ ଉନ୍ନତ କରିବା ସହ କୋଷ୍ଠକାଠିନ୍ୟ ହ୍ରାସ କରେ । ମୂଳା ପତ୍ରରେ ଥିବା କ୍ୟାଲସିୟମ ଏବଂ ଫସଫରସ୍ ହାଡ଼କୁ ମଜବୁତ କରେ ଏବଂ ହାଡ଼ ଭାଙ୍ଗିବାର ଆଶଙ୍କା ହ୍ରାସ କରେ । କ୍ୟାଲୋରୀ କମ୍ କିନ୍ତୁ ଫାଇବର ଏବଂ ଜଳୀୟ ଅଂଶ ଅଧିକ ଥିବାରୁ ଏହା ଲମ୍ବା ସମୟ ପର୍ଯ୍ୟନ୍ତ ପେଟକୁ ଫୁଲ୍ ରଖେ ଯାହାକୁ ଖାଇଲେ ଶୀଘ୍ର ଭୋକ ଲାଗେନି ଏବଂ ଓଜନ ମଧ୍ୟ ହ୍ରାସ ହୋଇଥାଏ । ମୂଳା ପତ୍ରରେ ପ୍ରଦାହ-ରୋଧୀ ଗୁଣ ଥାଏ, ଯାହା ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ୍ ସି ଏବଂ ଅନ୍ୟାନ୍ୟ ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଥିବାରୁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଜବୁତ ହୋଇଥାଏ ଏବଂ ଚର୍ମକୁ ମଧ୍ୟ ଏହା ଚମକ ଦେଇଥାଏ । ଏହି ପତ୍ରରେ ପଟାସିୟମ ଏବଂ କ୍ୟାଲସିୟମ ଭଲ ପରିମାଣରେ ଥାଏ, ଯାହା ହୃଦୟ ପାଇଁ ଲାଭଦାୟକ । ମୂଳା ସାଗ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ ଏବଂ ହୃଦରୋଗର ଆଶଙ୍କା ହ୍ରାସ କରେ । ଏହା ଯକୃତ ଏବଂ ବୃକକ୍ ପାଇଁ ମଧ୍ୟ ଭାରି ଭଲ । ଏହି ସାଗକୁ ଖାଇବା ଦ୍ୱାରା ରକ୍ତ ଶର୍କରା ସ୍ତର ନିୟନ୍ତ୍ରଣ ହୋଇଥାଏ । ମଧୁମେହ ରୋଗୀଙ୍କ ପାଇଁ ଏହା ଏକ ପ୍ରାକୃତିକ ଉପଚାର କାରଣ ରକ୍ତ ଶର୍କରା ସ୍ତରକୁ ସ୍ଥିର ରଖିବାରେ ସାହାଯ୍ୟ କରେ ।



# ଗ୍ୟାସ ବର୍ଣ୍ଣର ସଫା ନେଇ ଚିନ୍ତିତ କି ? ତେବେ ଆପଣାନ୍ତୁ ଘରୋଇ ଉପାୟ ...

ସବୁବେଳେ ଗ୍ୟାସରେ ରୋଷେଇ କରିବା ଫଳରେ ଗ୍ୟାସର ଚୁଲା ବା **Gas Burner** କଳା ପଡ଼ିଯାଇଥାଏ । ଏହାକୁ ସଫା କରିବାକୁ ମାର୍କେଟରେ ମିଳୁଥିବା ମହଙ୍ଗା ପ୍ରଡକ୍ଟର ଆବଶ୍ୟକତା ପଡିଥାଏ । କିନ୍ତୁ ସବୁ ସମୟରେ ମହଙ୍ଗା ପ୍ରଡକ୍ଟ ବ୍ୟବହାର କରିବା ସମସ୍ତଙ୍କ ପାଇଁ ସମ୍ଭ ବ ହୁଏ ନାହିଁ , ସେ ଘରୋଇ ହେଉ କି ହୋଟେଲ ସବୁଠି ଗ୍ୟାସ୍ ରେ ରୋଷେଇ ପରେ ସମସ୍ୟା ଦେଖାଯାଏ ସଫା କରିବା ନେଇ କାରଣ ଆମେ ରୋଷେଇ କରିବା ପରେ ସାଧାରଣ ଭାବରେ ଗୃହିଣୀ ମାନଙ୍କ ଚିନ୍ତା ବଢିଯାଏ ସଫା କରିବା ନେଇ ।

ମହଙ୍ଗା ଜିନିଷ ପରିବର୍ତ୍ତେ ଘରୋଇ ଉପଚାର ମାଧ୍ୟମରେ କମ୍ ଖର୍ଚ୍ଚରେ ଏବଂ ସହଜରେ ଆପଣ ଏହାକୁ ସଫା କରିପାରିବେ। ଏହି ଉପଚାର ମାଧ୍ୟମରେ ଆପଣଙ୍କ କଳା ପଡିଯାଇଥିବା ଗ୍ୟାସର ଚୁଲା ପୁରା ନୂଆ ଦିଶିବ। ଗ୍ୟାସ୍ ବର୍ନରରେ ଥିବା ଛୋଟ କଣାଗୁଡ଼ିକ ପ୍ରାୟତଃ ତେଲ, ମସଲା ଏବଂ ଧୂଳିରେ ଭର୍ତ୍ତି ହୋଇଯାଏ । ଏହା ଗ୍ୟାସ୍‌କୁ ଖରାପ କରିବା ସହ ନିଆଁ ଆଞ୍ଚକୁ କମ କରେ ଏବଂ ରୋଷେଇ ସମୟ ବୃଦ୍ଧି କରେ ।

ଏହା ସହିତ ଗ୍ୟାସ୍ ଅପଚୟ ମଧ୍ୟ ହୋଇଥାଏ । ଯଦି ମଇଳା ହୋଇଯାଇଥିବା ଗ୍ୟାସ୍ ଚୁଲାକୁ ସଫା କରିବା ଆପଣଙ୍କ ପାଇଁ କଷ୍ଟକର ହୋଇପଡୁଛି ତେବେ ଏହି ସହଜ ଘରୋଇ ଉପଚାର କରି ନିଜର ସମସ୍ୟା ଦୂର କରନ୍ତୁ। କାରଣ ଏହି ଟିପ୍ସ ଦ୍ୱାରା ମାତ୍ର କିଛି ମିନିଟ୍ ମଧ୍ୟରେ ଆପଣଙ୍କର ଗ୍ୟାସ ଚୁଲା ସଫା ହେବା ସହ ଚକ୍ ଚକ୍ ଦିଶିବ। ଆଉ ଆପଣ ବି କମ୍ ସମୟ ମଧ୍ୟରେ ଚିନ୍ତା ମୁକ୍ତ ହୋଇଯିବେ ।



ପ୍ରଥମେ ଦୁଇ ଗ୍ଲାସ ଉଷୁମ ପାଣିରେ ଏକ ଚାମଚ ଲେମ୍ବୁ ରସ ନଚେତ୍ ଭିନେଗାର ମିଶାଇ ଆଣ୍ଟାସିଡ୍ ପାଉଡର ନଚେତ୍ ଇନୋ ପାଉଡର ଆଣନ୍ତୁ ।

ଗ୍ୟାସ୍ ଚୁଲାକୁ ସଫା କରିବା ପାଇଁ, ପ୍ରଥମେ ଏକ ପାତ୍ରରେ ଦୁଇ ଗ୍ଲାସ ଉଷୁମ ପାଣି ଢାଳନ୍ତୁ। ଏହା ପରେ ଏଥିରେ ଲେମ୍ବୁ ରସ କିମ୍ବା ଧଳା ଭିନେଗାର ମିଶାନ୍ତୁ । କାରଣ ଲେମ୍ବୁ ବା ଭିନେଗାର ଉଭୟ ତେଲ ଲାଗି କଳା ହୋଇଯାଇଥିବା ଦାଗ ଛଡ଼ାଇବାରେ ସାହାଯ୍ୟ କରେ। ଲେମ୍ବୁ ବା ଭିନେଗାର ଉଷୁମ ପାଣିରେ ପକାଇ ସାରିବା ପରେ ସଫଳ କରିବାକୁ ଥିବା ବର୍ନର ସବୁକୁ ସେଥିରେ ପକାନ୍ତୁ।

ତା'ପରେ ଇନୋ ପାଉଡରକୁ ବର୍ନର ଉପରେ ଛିଞ୍ଚନ୍ତୁ ଏବଂ ଏହାକୁ ୫ମିନିଟ୍ ପାଇଁ ରଖନ୍ତୁ । ପାଞ୍ଚ ମିନିଟ୍ ପରେ, ବର୍ନରକୁ ବାହାର କରି ଏକ ନରମ ବ୍ରଶ୍ ସାହାଯ୍ୟରେ ଘଷି ଦିଅନ୍ତୁ। ଆପଣ ଦେଖିବେ ଯେ ମଇଳା ଆପେ ଆପେ ଛାଡ଼ିବା ଆରମ୍ଭ କରିବ। ଇନୋ ପାଉଡରରେ ମୁଖ୍ୟତଃ ସୋଡିୟମ୍ ବାଇକାର୍ବୋନେଟ୍ (ବେକିଙ୍ଗ ସୋଡା ଭାବରେ ମଧ୍ୟ ଜଣାଶୁଣା) ଏବଂ ସାଇଟ୍ରିକ୍ ଏସିଡ୍ ଥାଏ। ଲେମ୍ବୁ ରସ କିମ୍ବା ଭିନେଗାର ଏବଂ ଉଷୁମ ପାଣି ସହିତ ଏହାକୁ ମିଶ୍ରଣ କଲେ, ଏହା ଦ୍ରୁତ ଗତିରେ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ ଉତ୍ପାଦନ କରେ, ଯାହକ ଗ୍ୟାସ୍ ସଫା କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ଏଭଳି ଉପାୟରେ ଆପଣ ଗ୍ୟାସ୍ ଚୁଲ୍ଲାକୁ ସଫା କରନ୍ତୁ।

# ଶୀତ ଦିନେ ପିଉଛନ୍ତି କି କମ୍ ପାଣି ? ହୋଇପାରେ କିଡନି-ଲିଭର ସମସ୍ୟା

ଶୀତଦିନେ ପ୍ରାୟତଃ ଲୋକଙ୍କୁ ବହୁତ କମ୍ ଶୋଷ ଲାଗେ, ଯେଉଁଥିପାଇଁ ସେମାନେ ଦିନସାରା ମାତ୍ର ଏକ କିମ୍ବା ଦୁଇ ଗ୍ଲାସ ପାଣି ପିଇ ରହିଯାଆନ୍ତି । କିନ୍ତୁ ଆପଣ ଜାଣନ୍ତି କି କମ୍ ପାଣି ପିଇବା ଆପଣଙ୍କ ଶରୀରର ଅଙ୍ଗ, ବିଶେଷ କରି କିଡନି ଏବଂ ଲିଭର ପାଇଁ କେତେ ବିପଜ୍ଜନକ ହୋଇପାରେ । ଆପଣଙ୍କୁ ଶୋଷ ନଲାଗିଲେ ମଧ୍ୟ ଶରୀରର ଆଭ୍ୟନ୍ତରୀଣ ସଫେଇ ପାଇଁ ଶୀତଦିନେ ମଧ୍ୟ ପାଣିର ବହୁତ ଆବଶ୍ୟକତା ଥାଏ । ଜଣେ ବୟସ୍କ ବ୍ୟକ୍ତିଙ୍କୁ ଦିନକୁ ଅତି କମରେ ୨.୫ ରୁ ୩ ଲିଟର ପାଣି ପିଇବା ଉଚିତ । ଯଦି ଆପଣଙ୍କୁ ଶୀତରେ ସାଧା ପାଣି ପିଇବାରେ ଅସୁବିଧା ହେଉଛି, ତେବେ ଆପଣ ଏହାକୁ ଉଷୁମ କରି ପିଇପାରିବେ । ଏହା ବ୍ୟତୀତ ଆପଣ ନଡ଼ିଆ ପାଣି, ସତେଜ ଫଳ ରସ, ପନିପରିବା ଜୁସ୍ ଏବଂ ଘରେ ତିଆରି ସୁପ୍ ମାଧ୍ୟମରେ ମଧ୍ୟ ପାଣିର ପରିମାଣ ବଢ଼ାଇ ପାରିବେ । କିଡନି ଆମ ଶରୀରକୁ ସଫା କରୁଥିବା ଏକ ମେସିନ୍ ପରି । ଏହା ରକ୍ତକୁ ସଫା କରି ମଇଳାକୁ ପରିସ୍ରା ବାଟେ ବାହାରକୁ ବାହାର କରିଥାଏ । ଯେତେବେଳେ ଆପଣ କମ୍ ପାଣି ପିଅନ୍ତି, କିଡନି ମଇଳାକୁ ବାହାର କରିପାରେ ନାହିଁ । ଏହାଦ୍ୱାରା କିଡନିରେ ଷ୍ଟୋନ ହେବାର ଆଶଙ୍କା ବଢ଼ିଯାଏ । ଏଥିସହ ପରିସ୍ରାରେ ସଂକ୍ରମଣ, ପୋଡ଼ାଜଳା ସମସ୍ୟା ହୋଇପାରେ ଏବଂ ଦୀର୍ଘ ସମୟ ଧରି ଏପରି ହେବା ଦ୍ୱାରା ଆପଣଙ୍କ କିଡନି ଦୁର୍ବଳ ହେବାକୁ ଲାଗେ । କମ୍ ପାଣି ପିଇବା ଦ୍ୱାରା ଲିଭର ଉପରେ ଖରାପ ପ୍ରଭାବ ପଡ଼ିଥାଏ, କାରଣ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ପାଇଁ ଲିଭରକୁ ପାଣିର ଆବଶ୍ୟକତା ଥାଏ । ପାଣିର ଅଭାବ ଯୋଗୁଁ ବିଷାକ୍ତ ପଦାର୍ଥ ଲିଭରରେ ଜମା ହେବାକୁ ଲାଗେ, ଯାହାଫଳରେ ଲିଭର ଉପରେ ଚାପ ପଡ଼େ ଏବଂ ଏହାର କାର୍ଯ୍ୟ ମନ୍ଥର ହୋଇଯାଏ । ଲିଭରର କାମ



ହେଉଛି ଖାଦ୍ୟ ହଜମ କରିବା ଏବଂ ଶରୀରରୁ ବିଷାକ୍ତ ତତ୍ତ୍ୱ ଦୂର କରିବା । ପାଣିର ଅଭାବ ହେଲେ ରକ୍ତ ମୋଟା ହେବାକୁ ଲାଗେ, ଯେଉଁଥିପାଇଁ ଲିଭରକୁ ନିଜ କାମ କରିବା ପାଇଁ ବହୁତ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହାଦ୍ୱାରା ଲିଭରରେ ପ୍ରଦାହ ହୋଇପାରେ ଏବଂ ଶରୀରର ଶକ୍ତି କମିବାକୁ ଲାଗେ । ଶୀତଦିନେ ଆମେ ପ୍ରାୟତଃ ତେଲଛଣା କିମ୍ବା ଗରିଷ୍ଠ ଖାଦ୍ୟ ଖାଇଥାଉ । ଏହାକୁ ହଜମ କରିବା ପାଇଁ ପାଣି ଅତ୍ୟନ୍ତ ଜରୁରୀ । ଯଦି ଆପଣ କମ୍ ପାଣି ପିଇବେ, ତେବେ ପେଟ ଠିକ୍ ଭାବେ ସଫା ହେବ ନାହିଁ ଏବଂ କୋଷ୍ଠକାଠିନ୍ୟର ଅଭିଯୋଗ ରହିବ। ଏଥିସହ ପେଟରେ ଗ୍ୟାସ୍ ଏବଂ ଭାରିପଣ ମଧ୍ୟ ଅନୁଭବ ହେବ । ତେଣୁ ଶୀତଦିନେ କମ ଶୋଷ ଲାଗିଲେ ବି ଆବଶ୍ୟକ ଅନୁସାରେ ପାଣି ପିଇବା ଆବଶ୍ୟକ । ନଚେତ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେବ । ଆଉ ଆପଣ ଛୋଟ ରୋଗରୁ ବଡ଼ ସମସ୍ୟାରେ ପଡ଼ିପାରନ୍ତି ।

## କେନ୍ଦୁଝର ଜିଲ୍ଲା ବିଜେପି ପଦାଧିକାରୀଙ୍କ ନାମ ଘୋଷଣା

କେନ୍ଦୁଝର,୨୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ବିଜେପି ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ କେନ୍ଦୁଝର ଜିଲ୍ଲା ବିଜେପି ସଭାପତି ଶୁକଦେବ ମହାନ୍ତ ଜିଲ୍ଲା ପଦାଧିକାରୀଙ୍କ ନାମ ଘୋଷଣା କରିଛନ୍ତି । ଜିଲ୍ଲା ଉପସଭାପତି ଭାବେ ଜ୍ଞାନରଞ୍ଜନ ସାମନ୍ତସିଂହାର,ପଂଚାନନ ସାହୁ,ଦେବପ୍ରସାଦ ମିଶ୍ର, ଅସୀମା ମିଶ୍ର,ବିବେକାନନ୍ଦ ମହାନ୍ତ,ସିଦ୍ଧାର୍ଥ ସିଂ, ସୁଦର୍ଶନ ମହାନ୍ତ ଓ ସୋମବାରୀ ମୁଣ୍ଡା ମନୋନୀତ ହୋଇଛନ୍ତି । ସେହିପରି ଜିଲ୍ଲା ସାଧାରଣ ସଂପାଦକ ଭାବେ ଅନୁବ୍ରତ ବେହେରା, ଅଗନୁ ଚରଣ ମହାନ୍ତ ଓ ଯଶସ୍ୱିନୀ ବଳ, ଜିଲ୍ଲା ସଂପାଦକ ଭାବେ ଦୀପକ କୁମାର ଜେନା,ଛୈରବାରା ନାୟକ, ବିଶ୍ୱଜିତ ତ୍ରିପାଠୀ, ଅଶୋକ କୁମାର ବେହେରା, ଝରଣା ମହାନ୍ତ, ଦୁଷ୍ମନ୍ତ ମହାନ୍ତ, ଅନ୍ନପୂର୍ଣ୍ଣା ଦେହୁରୀ , ରଶ୍ମିତା ପାଣିଗ୍ରାହୀ, ଜିଲ୍ଲା କୋଷାଧ୍ୟକ୍ଷ ଭାବେ ହରିହର ମହାନ୍ତ, କାର୍ଯ୍ୟାଳୟ ସମ୍ପାଦକ ପ୍ରକାଶ ସୂତ୍ରଧର, କାର୍ଯ୍ୟାଳୟ ସହସମ୍ପାଦକ ସୁଶୀଲ କୁମାର ନାଏକଙ୍କ ନାମ ଘୋଷଣା କରାଯାଇଥିବା ଜିଲ୍ଲା ବିଜେପି ପକ୍ଷରୁ ସୂଚନା ଦିଆଯାଇଛି ।

## ଜମନକିରା ଆଦର୍ଶ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ

ସମ୍ବଲପୁର,୨୩/୧୨ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ବଡରମା ପଞ୍ଚାୟତ ଅନ୍ତର୍ଗତ ଚିନିମହୁଲ ସ୍ଥିତ ଜମନକିରା ଆଦର୍ଶ ବିଦ୍ୟାଳୟର ଚତୁର୍ଥ ବାର୍ଷିକ ଉତ୍ସବ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ବାର୍ଷିକ ମହୋତ୍ସବରେ ବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ନନ୍ଦ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସୁଜାତା ଖୁଂଟିଆ ଯୋଗ ଦେଇଥିବା ବେଳେ ରଙ୍ଗବତୀ ଗୀତର ସ୍ରଷ୍ଟା କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ବଡରମା ଗ୍ରାମ ପଂଚାୟତ ସରପଂଚ ବିଜୟ କୁମାର ନାୟକ, ସମାଜ ସେବୀ ଡ. ରାଜାରାମ ଷଡ଼ଙ୍ଗୀ, ଜମନକିରା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ଅରୁଣ କୁମାର ପଟେଲ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ମଂଚାସିନ ଥିଲେ । ଜମନକିରା ବ୍ଲକ ରେ ଏ୧ ଗ୍ରେଡ଼ ରଖିଥିବା ଛାତ୍ରୀଙ୍କୁ ବଡରମା ସରପଂଚ ବିଜୟ କୁମାର ନାଏକ ଙ୍କ ଦ୍ୱାରା ଆର୍ଥୀକ ସହାୟତା ୧୦୦୦ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ସ୍ୱର୍ଗତ ଅରବିନ୍ଦ ଖୁଣ୍ଟିଆ ଙ୍କ ସ୍ମୃତିରେ ଶ୍ରୀମତୀ ସୁଜାତା ଖୁଂଟିଆ ମଧ ଆର୍ଥିକ ସହାୟତା ପ୍ରଦାନ କରିଥିଲେ ।

ମୁଖ୍ୟବକ୍ତା ଭାବେ ଷଣ୍ଢପଥର ଏସଏସଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଯୋଗ ଦେଇଥିଲେ ।ବିଦ୍ୟାଳୟ ର ସହକାରୀ ଶିକ୍ଷକ ସତ୍ୟମ କୁମାର ଷଡଙ୍ଗୀ, ପଲ୍ଲବୀ ବେହେରା ଓ ଜ୍ୟୋତି କର୍ଣ୍ଣ ମଂଚ ପରିଚାଳନା କରିଥିବା ବେଳେ ଅଧକ୍ଷ ଶ୍ରୀ ନନ୍ଦ ବାର୍ଷିକ ବିବରଣୀ ପଠନ କରିଥିଲେ । ଅତିଥିଗଣ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ ଯେ, ଏଠି ଜଣେ ୯ମ ଶ୍ରେଣୀ ଛାତ୍ର ଯିଏ କି, ସମ୍ବଲପୁର ଜିଲ୍ଲା କଲେକ୍ଟରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ମଧ୍ୟାହ୍ନ ଭୋଜନ ପ୍ରଦାନ ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ଛାତ୍ରର ମନର ଭାବନା କୁ ସମ୍ମାନ ଜଣାଇ ରାଜ୍ୟ ସରକାର ରାଜ୍ୟର ପ୍ରତ୍ୟେକ ସ୍କୁଲରେ ପଢୁଥିବା ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀ ଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରେଇ ଥିଲେ । ଶୃଙ୍ଖଳା, ସଂସ୍କାର ଓ ଶିକ୍ଷା ହେଉଛି ଜଣେ ଶିକ୍ଷାର୍ଥୀର ଚାବିକାଠି । ପିଲାମାନେ ହେଉଛନ୍ତି ମାଟିର ପୁତୁଳା ସେମାନଙ୍କୁ ଭଲରେ ଗଢ଼ିବା ହିଁ ପିତା ମାତାଙ୍କ ମୁଖ୍ୟ କର୍ତବ୍ୟ । ଶିକ୍ଷା ହିଁ ଜୀବନ ପାଇଁ ମୂଳ ଆଧାର, ଶୈଶବ ଶିକ୍ଷା ଠାରୁ ଉଚ୍ଚ ଶିକ୍ଷା ପ୍ରତିଟି ମୁହୂର୍ତ ଆମ ପାଇଁ ଶିକ୍ଷଣୀୟ, ନିଜ ଭିତରେ ଏହାର ବାରମ୍ବାର ସମୀକ୍ଷା, ଉପଯୋଗ ଓ ପ୍ରୟାସ ଦ୍ୱାରା ଶିକ୍ଷାର ପରିପ୍ରକାଶ ହୋଇ ବିକାଶର ଦ୍ୱାର ଖୋଲିଥାଏ ବୋଲି ବକ୍ତା ଗଣ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ ।ପ୍ରାରମ୍ଭରେ ମା" ସମଲେଶ୍ୱରୀଙ୍କ ଫୋଟୋ ଚିତ୍ରରେ ଦୀପ ପ୍ରଜ୍ୱଳନ କରି ପୁଷ୍ପ ମାଲ୍ୟା ଅର୍ପଣ କରି ଆତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ପୂର୍ବରୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଶେଷରେ ସ୍କୁଲର ସହକାରୀ ଶିକ୍ଷକ ନିର୍ମଳ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଅପରାହ୍ନରେ ସ୍କୁଲର ବିଦ୍ୟାର୍ଥୀ ମାନେ ସେମାନଙ୍କ କଳାକୃତି ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ମୁଖ୍ୟଅତିଥି ଶ୍ରୀ ହରିପାଲ ସଙ୍ଗୀତ ମାଧ୍ୟମରେ ମହୁଲ ଫୁଲ ଉପରେ ଗୀତ ଗାଇ ଛାତ୍ରୀ ଛାତ୍ରଙ୍କୁ ଶୁଣେଇ ଉତ୍ସାହିତ କରିଥିଲେ । ଏଥିରେ ସ୍କୁଲର ସହକାରୀ ଶିକ୍ଷକ ଅଜିତ କୁମାର ନାଏକ, ସୁମନଜିତ ସାହୁ, ବିନୟଲାଲ ନାଏକ, ଆଲୋକିତ କେରକେଟା, ଆଶିଷ କୁମାର ନାୟକ, ଲକି ଅମାତ, ସତ୍ୟବ୍ରତ ଦେହୁରୀ, ଜ୍ୟୋତି ରଞ୍ଜନ ବେହେରା, ସାଗର ଗୋପାଳ, ସସିମା ବାରିକ, ପଲ୍ଲବୀ ବେହେରା, ସୌଦାମିନୀ ମାଝୀ, ସୁପ୍ରଭା ଭୋଇ, ରୁକ୍ମଣୀ ପଧାନ ପ୍ରମୁଖ ବିଭିନ୍ନ କାର୍ଯ୍ୟକ୍ରମକୁ ଉପସ୍ଥିତ ରହି ପରିଚାଳନା ତଦାରଖ କରିଥିବା ବେଳେ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ପୂର୍ଣ୍ଣ ସହଯୋଗ କରିଥିଲେ ।

## ପୂର୍ବତନ ମନ୍ତ୍ରୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ: ସେଓ୍ୱା ପେପରମିଲ ପୁନଃ କାର୍ଯ୍ୟକ୍ଷମ ନେଇ ଆଲୋଚନା

ଜୟପୁର,୨୩/୧୨ (ନି.ପ୍ର): କୋରାପୁଟ ଜିଲ୍ଲାର ଜୟପୁର ଉପଖଣ୍ଡରେ ରହିଥିବା ଏକ ମାତ୍ର ବୃହତ ଶିଳ୍ପକୁ ସେଓ୍ୱା ପେପରମିଲକୁ ପୁନଃର୍ବାର କାର୍ଯ୍ୟକ୍ଷମ କରିବା ନେଇ ଦୁଇଟି କର୍ମଚାରୀ ସଂଘର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ କୋରାପୁଟସ୍ଥିତ ସର୍କିଟ ହାଉସ ଠାରେ ସାକ୍ଷାତ କରିବା ସହିତ ଏକ ଦାବିପତ୍ର ଗତକାଲି ରାତିରେ ପ୍ରଦାନ କରିଛନ୍ତି । ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କ ନେତୃତ୍ୱରେ କାଗଜକଳର ପ୍ରଥମ ସଂଘର ଓ ଦ୍ୱିତୀୟ ସଂଘର କର୍ମକର୍ତା ସମେତ ଅନ୍ୟାନ୍ୟ କର୍ମଚାରୀ ମାନେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କୁ ସର୍କିଟ ହାଉସ ଠାରେ ସାକ୍ଷାତ କରିବା ସହିତ ତୁରନ୍ତ କାଗଜକଳ କାର୍ଯ୍ୟକ୍ଷମ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ । ଏହିପରି ଗତ ଜୁଲାଇ ମାସ ଠାରୁ ଜୟପୁର ନିକଟସ୍ଥ ସେଓ୍ୱା କାଗଜକଳ କାରଖାନା କାର୍ଯ୍ୟକ୍ଷମ ହେଉନଥିବା ଯୋଗୁଁ ଉତ୍ପାଦନ ବନ୍ଦ ରହିଛି । ଇତିମଧ୍ୟରେ ପରିଚାଳନା କର୍ତୃପକ୍ଷଙ୍କ ପକ୍ଷରୁ କର୍ମଚାରୀମାନଙ୍କୁ ଦରମା ପ୍ରଦାନ କରିନାହାଁନ୍ତି । ଏଥିନେଇ ପରିଚାଳନା କର୍ତୃପକ୍ଷ, ଜିଲ୍ଲା ପ୍ରଶାସନ, ଶିଳ୍ପ ମନ୍ତ୍ରୀ ଏବଂ ମୁଖମ୍ୟନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହିପରି ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ସରକାରୀ ସଚିବ ମାନଙ୍କ ଉପସ୍ଥିତିରେ ଭୁବନେଶ୍ୱର ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଆୟୋଜନ କରାଯାଇ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ପଦକ୍ଷେପ ଓ ସମାଧାନ କରାଯିବାକୁ ନିଷ୍ପତି ହୋଇଥିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ନିଜର ବ୍ୟକ୍ତିଗତ ସ୍ୱତନ୍ତ୍ର ସଚିବଙ୍କୁ ଏଥିନେଇ ଏକ ବୈଠକ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଜୟପୁରର ବିଧାୟକ, ପୂର୍ବତନ ବିଧାୟକ, ପରିଚାଳନା କର୍ତୃପକ୍ଷ, ଅନ୍ୟାନ୍ୟ ନେତୃମଣ୍ଡଳୀ ଏବଂ ୪ଟି ୟୁନିଅନର ସଦସ୍ୟ ମାନେ ଉପସ୍ଥିତ ରହିବେ ବୋଲି ମୁଖ୍ୟମନ୍ତ୍ରୀ ସହମତି ପ୍ରକାଶ କରିଥିଲେ । ପ୍ରକାଶ ଯେ, ରାଜ୍ୟ ସ୍ତରୀୟ ଲୋକ ମହୋତ୍ସବ କାର୍ଯ୍ୟକ୍ରମ ପରବରେ ଯୋଗ ଦେବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଆସିଥିବା ଯୋଗୁଁ ତାଙ୍କର ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବା ପରେ ସର୍କିଟ ହାଉସ ଠାରେ ପୂର୍ବତନ ମନ୍ତ୍ରୀ ଶ୍ରୀ ନନ୍ଦଙ୍କ ନେତୃତ୍ୱରେ ପେପରମିଲ କର୍ମଚାରୀ ସଂଘର ପ୍ରଥମ ସଂଘର ସଭାପତି ପ୍ରମୋଦ ମହାନ୍ତି, ଦ୍ୱିତୀୟ ସଂଘର ସାଧାରଣ ସମ୍ପାଦକ ସରୋଜ ସୁଆର, କାର୍ଯ୍ୟକାରୀ ସଭାପତି ବଂଶୀଧର ମହାକୁଡ, ସମ୍ପାଦକ ଶିବ ପ୍ରସାଦ ପଣ୍ଡା, ଉପସଭାପତି ସନ୍ଦିପ ପଟ୍ଟନାୟକ, କର୍ମଚାରୀ ନିରସିଂହ ମହାପାତ୍ର, ଗଣେଶ୍ୱର ବେହେରା, କେଦାରକାନ୍ତ ମହାପାତ୍ର, ରୋହିତ ଥୋମାସଙ୍କ ସମେତ ବରିଷ୍ଠ ବିଜେଡି ନେତା ବାଲା ରାୟ, ବାଲିଙ୍କି ରାଓ, ଶିବ ପ୍ରସାଦ ପଟନାୟକ, ଟୁନା ରଥ, ଧନ ଖରା ପ୍ରମୁଖ ଉପସ୍ଥିତ ଥିଲେ ।

## ରାନ୍ଦିଆ ରାମେଶ୍ୱର ସାହିତ୍ୟ ସଂସଦର ଅଧିବେଶନ

ଭଦ୍ରକ,୨୩/୧୨ (ନି.ପ୍ର): ଭଦ୍ରକ ବ୍ଲକ ରାନ୍ଦିଆସ୍ଥିତ ରାମେଶ୍ୱର ସାହିତ୍ୟ ସଂସଦର ଶୀତକାଳୀନ ଅଧିବେଶନ ଓ କବିତା ପାଠୋତ୍ସବ ଆନନ୍ଦ ଓ ଉତ୍ସାହ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ଦୁଃଶାସନ ଗାହାଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ସାରସ୍ୱତ ଉତ୍ସବରେ ବିନୋଦ ବିହାରୀ ବରାଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଡ.ବଳାରାମ ମିଶ୍ର, ସାବିତ୍ରୀ ବାନାର୍ଜୀ, ସସ୍ମିତା ସାହୁ, ଶେଖ୍ ଅବଦୁଲ୍ ଦୟନ, ବଳରାମ ଜେନା, ମୁସ୍ତାକ ଗହ୍ୱର, ରମାକାନ୍ତ ଗାହାଣ, ମୋନାଲିସା ସାହୁ, ଶର୍ମିଷ୍ଠା ପଣ୍ଡା, ଲକ୍ଷ୍ମିପ୍ରିୟା ସାହୁ, ହେମନ୍ତ କୁମାର ନାୟକ, ଅଶୋକ କୁମାର ପଣ୍ଡା, ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ, ବସନ୍ତ କୁମାର ମହାପାତ୍ର, କୃଷ୍ଣ ଚନ୍ଦ୍ର ରାଉଳ, ଗୋପାଳ ଚନ୍ଦ୍ର ମୁଖୀ, ବିନୋଦ କୁମାର ବରାଳ, ଭାଗିରଥୀ ରାଉତ ପ୍ରମୁଖ ନିଜ ନିଜର ସ୍ୱରଚିତ କବିତା କବିତା ପାଠ କରିଥିଲେ । ପ୍ରଫେସର ଡ.ବଳରାମ ମିଶ୍ର ଓ ଡ.ରାଇମୋହନ ମହାପାତ୍ର କବିତା ଗୁଡିକର ବ୍ୟାଖା କରିଥିଲେ । ସୀତାକାନ୍ତ ବେହେରା ଓ ଦେବେନ୍ଦ୍ରନାଥ ପଣ୍ଡା ସାହିତ୍ୟ ଆଲୋଚନା ଓ କବିତା ରଚନା ନେଇ ନିଜ ନିଜର ମତ ବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଉପ-ସଭାପତି ସପନ ଚାଟାର୍ଜୀ ସ୍ୱାଗତ ଭାଷଣ ରଖିଥିବା ବେଳେ ସମ୍ପାଦକ ମୋହିନୀ ମୋହନ ମହାପାତ୍ର ଆବାହନ ସଙ୍ଗୀତ ଓ ପୂର୍ବ ଅଧିବେଶନର ବିବରଣୀ ପାଠ କରିଥିଲେ । ଶେଷରେ ସଭ୍ୟ ସଂଜୟ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ । ଧନୁର୍ଜୟ ସେଠୀ,ଲୋକନାଥ ବାରିକ, ଭାଗିରଥୀ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ମିଳିତ ବାମପନ୍ଥୀ ଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପ ଜିଲ୍ଲାପାଳଙ୍କୁ ଦାବିପତ୍ର

ଭଦ୍ରକ,୨୩/୧୨ (ନି.ପ୍ର): ଡଃମନମୋହନ ସିଂ ଙ୍କ ନେତୃତ୍ୱରେ ଗଠିତ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ-୧( ୟୁପିଏ-୧) ସରକାର ସମୟରେ ସାଧାରଣ ସର୍ବନିମ୍ନ କର୍ମସୂଚୀ ( ସିଏମପି) ଅନୁଯାୟୀ ୬୨ ଜଣ କମ୍ୟୁନିଷ୍ଟ ସାଂସଦ ଙ୍କ ସମର୍ଥନରେ ଗ୍ରାମୀଣ ଶ୍ରମିକ ଓ କୃଷି ଶ୍ରମିକ ମାନଙ୍କ ହାତକୁ କାମ ଯୋଗାଇ ଦେବା ଲକ୍ଷ୍ୟନେଇ ୨୦୦୫ ମସିହାରେ ଜାତିର ଜନକ ମହାତ୍ମା ଗାନ୍ଧୀ ଙ୍କ ନାମରେ ମହାତ୍ମା ଗାନ୍ଧୀ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଆଇନ ପ୍ରଣୟନ କରିଥିଲେ । ଏହି ଆଇନ ଅନୁଯାୟୀ ଜଣେ ଗ୍ରାମୀଣ ଶ୍ରମିକ ବର୍ଷକୁ ସର୍ବନିମ୍ନ ୧୦୦ ଦିନର କାମ ପାଇବାର ଆଇନଗତ ବ୍ୟବସ୍ଥା ଥିଲା । ଯଦି ସରକାର କାମ ଯୋଗାଇ ଦେଉନଥିଲେ, ଗ୍ରାମୀଣ ଶ୍ରମିକ ମାନଙ୍କୁ ମଜୁରୀର ୫୦ ପ୍ରତିଶତ ବେକାରୀ ଭତ୍ତା ଦେଉଥିଲେ । ଯଦି ସରକାର ଓ ପ୍ରଶାସନିକ ଅଧିକାରୀ ମାନେ ଏଥିରେ ଖିଲାପ କରୁଥିଲେ, ତେବେ ଶ୍ରମିକ ମାନେ ବିଚାରାଳୟର ଆଶ୍ରୟ ନେବାର ଆଇନଗତ ବ୍ୟବସ୍ଥା ଥିଲା । ଏହି ଆଇନ ଥିଲା ଜଣେ ଗ୍ରାମୀଣ ଶ୍ରମିକର ସାମ୍ବିଧାନିକ ଓ ଆଇନଗତ ଅଧିକାର । ଏହି ଆଇନକୁ ମୋଦି ସରକାର ଉଚ୍ଛେଦ କରି ଭିବି ଜୀ ରାମ୍ ଗ୍ରାମୀଣ ବିଲ୍- ୨୦୨୫ ଆଣି ସଂସଦରେ ପାରିତ କରି ରାଷ୍ଟ୍ରପତି ଙ୍କ ମୋହର ପାଇଁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ କୁ ପଠାଇଛନ୍ତି । ଭାରତର ସଂଘୀୟ ବ୍ୟବସ୍ଥା, ପଞ୍ଚାୟତିରାଜ ବ୍ୟବସ୍ଥା, ଗାନ୍ଧୀବାଦୀ ବିଚାର ଧାରା ଓ ଗ୍ରାମୀଣ ଅର୍ଥନୀତି କୁ ଉତଖାତ କରି ଗ୍ରାମୀଣ ଶ୍ରମିକ ମାନଙ୍କ ଆଇନଗତ ଅଧିକାରକୁ ଖର୍ବ କରି ଶ୍ରମିକ ମାନଙ୍କୁ ଲାଭାର୍ଥୀ ଭାବେ ପ୍ରତିପାଦିତ କରିବା ଘଟଣା ଗ୍ରାମୀଣ ଭାରତରେ ବସବାସ କରୁଥିବା ଶତକଡ଼ା ୮୨ ଭାଗ ପରିବାର ପ୍ରତି ଚରମ ଆଘାତ ବୋଲି ଦର୍ଶାଇ ସିପିଆଇ(ଏମ) , ସିପିଆଇ ପକ୍ଷରୁ ମିଳିତ ଭାବେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ରାଷ୍ଟ୍ରପତି ଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଭଦ୍ରକ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ସମ୍ବିଧାନର ଧାରା-୨୦୧ ଅନୁଯାୟୀ ରାଷ୍ଟ୍ରପତି ଏହି ଶ୍ରମିକ ବିରୋଧୀ ବିଲ୍ ରେ ଦସ୍ତଖତ ନକରି ପୁନର୍ବିଚାର ପାଇଁ ସଂସଦକୁ ଫେରାଇ ଦେବାକୁ ମିଳିତ ବାମପନ୍ଥୀ ପ୍ରତିନିଧି ଦଳ ଦାବିପତ୍ର ରେ ନିବେଦନ କରିଛନ୍ତି । ପୂର୍ବାହ୍ନରେ ଭଦ୍ରକ ବନ୍ତଛକ ଠାରୁ ଏକ ଲାଲ୍ ଶୋଭାଯାତ୍ରା ବାହାରି ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ(ଏମ) ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ ଓ ସିପିଆଇ ଜିଲ୍ଲା ସଂପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତିଙ୍କ ଯୌଥ ସଭାପତିତ୍ୱରେ ଏକ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିବାଦ ସଭାରେ ସିପିଆଇ(ଏମ) ନେତା ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ଯୁବନେତା ବିକାଶ ନାଥ, ମହିଳା ନେତ୍ରୀ ସୁରଜିତା ନାୟକ, ଗିରିଧାରୀ ନାଥ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ନିରଞ୍ଜନ ପାଣି, ଯୁବନେତା ପ୍ରତାପ ସେଠୀ, ସିପିଆଇ ନେତା ରମେଶ ଯେନା, ବିମ୍ବାଧର ବାରିକ୍, ହରିହର ବେହେରା, ଦିଲିପ ନାୟକ, ରବିନ୍ଦ୍ର ବାରିକ୍, ନାରାୟଣ ତ୍ରିପାଠୀ, ଚାଷୀ ନେତା ଅଶୋକ ବେହେରା, ଯୁବନେତା ଜ୍ୟୋତିର୍ମୟ ମଲିକ, ଜୟନୂଲ ଆବେଦିନ, ଯୁବନେତା ବିପ୍ଳବ ଯେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ । ଭିବି ଜି ରାମ ଗ୍ରାମୀଣ ବିଲ୍-୨୦୨୫ ବଦଳରେ ଏମ୍ ଜି ଏନ୍ ଆର ଇଜିଏ-୨୦୦୫ ଆଇନ ଅନୁଯାୟୀ ବର୍ଷକୁ ସର୍ବନିମ୍ନ ୨୦୦ ଦିନର କାମ, କେନ୍ଦ୍ର ବଜେଟ୍ ରେ ଏମ୍ ଜି ଏନ୍ ଆର ଇଜିଏସ୍ ପାଇଁ ଅଧିକ ବ୍ୟୟବରାଦ, ବେକାରୀ ଭତ୍ତା ର ପରିମାଣ ବୃଦ୍ଧି ଓ ସହରାଞ୍ଚଳର ଶ୍ରମିକ ମାନଙ୍କ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ପ୍ରଣୟନ କରିବାକୁ ବାମପନ୍ଥୀ ନେତୃତ୍ୱ ଏହି ଆନ୍ଦୋଳନ ମାଧ୍ୟମରେ ଦାବି କରିଥିଲେ । ଭାରତର ଆଜାଦୀ ଆନ୍ଦୋଳନର ମୁଖ୍ୟ ପୁରୋଧା ଜାତିର ଜନକ ମହାତ୍ମା ଗାନ୍ଧୀ ଙ୍କ ନାମରେ ନାମିତ ଏହି ଆଇନକୁ ଉଠାଇ ଦେବା ମୋଦି ସରକାରଙ୍କ ଅସହିଷ୍ଣୁତା ର ପରିଚୟ ବୋଲି ବାମପନ୍ଥୀ ନେତୃତ୍ୱ ପ୍ରକାଶ କରିଥିଲେ । ଭିବି ଜି ରାମଜି ବିଲ୍ ପ୍ରତ୍ୟାହାର ନହେଲେ ଭଦ୍ରକ ଜିଲ୍ଲାବ୍ୟାପି ବୃହତ୍ତର ଆନ୍ଦୋଳନ ହେବ ବୋଲି ବାମପନ୍ଥୀ ନେତୃତ୍ୱ କେନ୍ଦ୍ର ସରକାରଙ୍କୁ ଚେତାବନୀ ଦେଇଥିଲେ

## ଅସ୍ଥାୟୀ ଠିକା ବସ କଣ୍ଡକ୍ଟରଙ୍କୁ ନିଗମର ସହକାରୀ ମ୍ୟାନେଜର ଆକ୍ରମଣ ନେଇ ଥାନାରେ ଅଭିଯୋଗ

ଜୟପୁର,୨୩/୧୨ (ନି.ପ୍ର): ଓଡିଶା ରାଜ୍ୟ ସଡକ ପରିବହନ ନିଗମର ବିଜୟନଗରମ ଡିପୋର ଅସ୍ଥାୟୀ ଠିକା ବସ କଣ୍ଡକ୍ଟରଙ୍କୁ ଜୟପୁର ଡିପୋର ସହକାରୀ ମ୍ୟାନେଜର ମାଡ ମାରିବା ସହିତ ୫ ହଜାର ଟଙ୍କା ଲାଂଚ ମାଗିବା ନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ କୁ ଭିତି କରି ତଦନ୍ତ ଆରମ୍ଭ କରିଛି । ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଦୁର୍ନିତୀ ମିଥ୍ୟା ଅଭିଯୋଗ କରିବା ସହ ଚାକିରୀରରୁ ବହିଷ୍କାର ନେଇ ଧମକ ଦେଇଥିବା ନେଇ ଜୟପୁର ଟାଉନ ଥାନାରେ ପୀଡିତ କଣ୍ଡକ୍ଟର ଲିଖିତ ଅଭିଯୋଗ କରିଛନ୍ତି । ବିଜୟନଗର ଡିପୋରେ ଅସ୍ଥାୟୀ ତଥା ଠିକା କଣ୍ଡକ୍ଟର ଧିରସ୍ତିତ ବିଶୋୟୀ ନିଗମର ବସରେ ଡ୍ୟୁଟିରେ ରହି ଜୟପୁର ବସଷ୍ଟାଣ୍ଡ ଠାରେ ରାତି ସାଢେ ୧୧ ଟାରେ ପହଂଚିଥିଲେ ଏବଂ ଟିକଟ କାଉଂଟରକୁ ଯାଇଥିଲେ । ସେତେବେଳେ ସେଠାରେ ଜୟପୁର ଡିପୋର ମ୍ୟାନେଜର ବସି ମଦ ପିଉଥିଲେ । ଏହିପରେ କୌଣସି କାରଣ ନଥାଇ ହଠାତ ଉକ୍ତ ମ୍ୟାନେଜର ରାଗିଯାଇ ଅଭିଯୋଗକାରୀ କଣ୍ଡକ୍ଟରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ୫ ହଜାର ଟଙ୍କା ଲାଂଚ ନ ଦେଲେ ଟିକଟ ନ କାଟି ଯାତ୍ରୀ ମାନଙ୍କୁ ଯାତ୍ରା କରୁଥିବା ଅଭିଯୋଗ କରିବା ସହ ଚାକିରୀରୁ ବହିଷ୍କାର କରାଇବି ବୋଲି ଧମକଚମକ ଦେଇଥିଲେ । ଏହିପରି ସ୍ଥାନୀୟ କର୍ମଚାରୀ ମାନେ ବୁଝୁସୁଝା ପରେ ସମସ୍ୟାର ସମାଧାନ ହୋଇଥିଲା । ଏହିପରି ପୁଣି ପୁନର୍ବାର ଗତକାଲି ରାତି ୯ ଘଟିକା ସମୟରେ ବିଜୟନଗର ଠାରେ ପହଂଚିଥିଲେ । ପୁଣି ସେଠରେ ଜୟପୁର ଡିପୋ ସହକାରୀ ମ୍ୟାନେଜର ସେଠାରେ ପହଂଚି ୫ ହଜାର ଟଙ୍କା ଲାଂଚ ବାବଦକୁ ଜୋରଜବରଦସ୍ତି ମାଗିଥିଲେ । କିନ୍ତୁ ଟଙ୍କା ଦେବାକୁ ମନା କରିବାରୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଗୋଇଠା ମାରିଥିଲେ । ଏଥିନେଇ ସ୍ଥାନୀୟ କିଛି ସାଥି କର୍ମଚାରୀ ମୋତେ ତାଙ୍କ ଆକ୍ରମଣରୁ ଉଦ୍ଧାର କରିଥିବା ବୋଲି ଅଭିଯୋଗ କରିଛନ୍ତି । ଏଥିନେଇ ଜୟପୁର ଟାଉନଥାନାରେ ଆଜି ଲିଖିତ ଅଭିଯୋଗ ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି କ୍ଷ ଏବଂ ସଂପୃକ୍ତ ସହକାରୀ ମ୍ୟାନେଜର ଛୁଟିରେ ବାହାରକୁ ଯାଇଥିବା ଯୋଗୁଁ ସେ ଫେରିବା ପରେ ଥାନାକୁ ଡକାଯାଇ ପଚରାଉଚରା କରାଯିବ ବୋଲି ମାମଲା ର ତଦନ୍ତ କରୁଥିବା ଏସ.ଆଇ ରାଜେନ୍ଦ୍ର କୁମାର ପାଙ୍ଗୀ ସୂଚନା ଦେଇଛନ୍ତି ।

## ସାହାରା ହେଲା ସୁଭଦ୍ରା ଯୋଜନା: ୧୫ ହଜାର ଟଙ୍କାରେ ସ୍ୱାବଲମ୍ବୀ ହେଲେ ତପସ୍ୱିନୀ

ଭଦ୍ରକ,୨୩/୧୨ (ନି.ପ୍ର): ଭଦ୍ରକ ସରକାରୀ ସହାୟତା ଓ ଦୃଢ଼ ଇଚ୍ଛାଶକ୍ତି ସାଙ୍ଗକୁ ଯଦି ପରିବାରର ସହଯୋଗ ମିଳେ, ତେବେ ଜଣେ ମହିଳା କିଭଳି ନିଜ ଗୋଡ଼ରେ ନିଜେ ଛିଡ଼ା ହୋଇପାରେ, ତାହାର ଏକ ଶ୍ରେଷ୍ଠ ଉଦାହରଣ ସାଜିଛନ୍ତି ଧାମନଗର ବ୍ଲକର ତପସ୍ୱିନୀ ସାମଲ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚାଲିଥିବା ସରକାରଙ୍କ ଦ୍ୱାରା ପ୍ରଚଳିତ 'ସୁଭଦ୍ରା ଯୋଜନା' ଆଜି ତାଙ୍କ ପାଇଁ ଆଶୀର୍ବାଦ ପାଲଟିଛି । ତିନିଟି କିସ୍ତିରେ ମିଳିଥିବା ୧୫ ହଜାର ଟଙ୍କାକୁ ପୁଞ୍ଜି କରି ସେ ଆଜି ଜଣେ ସଫଳ ବ୍ୟବସାୟୀ ଭାବେ ନିଜକୁ ଗଢ଼ି ତୋଳିଛନ୍ତି । ଧାମନଗର ବ୍ଲକ ରାଧାବଲ୍ଲଭପୁର ପଂଚାୟତ ଛତ୍ରପଦାର ବାସିନ୍ଦା ଗଦାଧର ସାମଲଙ୍କ ସ୍ତ୍ରୀ ତପସ୍ୱିନୀଙ୍କ ପରିବାର ଅତ୍ୟନ୍ତ ଗରିବ । ଜମିବାଡ଼ି କହିଲେ ୧୦ ଗୁଣ୍ଠ ପାଖାପାଖି ସେଥିରେ ଘର କରି ରହୁଛନ୍ତି । ତାଙ୍କ ସ୍ୱାମୀ ଗ୍ୟାରେଜରେ କାଠ ମିସ୍ତ୍ରୀ ଭାବେ ଟ୍ରକ ଡାଲା ତିଆରି କରିଥାନ୍ତି । ବଡ଼ପୁଅ ଗ୍ରାଜୁଏସନ କରି ପରିବାର ପ୍ରତିପୋଷଣ ପାଇଁ ୪ରୁ ୫ ମାସ ହେବ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥିବା ବେଳେ ସାନ ପୁଅ ଭଣ୍ଡାରିପୋଖରୀରେ ଆଇଟିଆଇ ପଢୁଛନ୍ତି । ପରିବାରର ଏହି ଆର୍ଥିକ ବୋଝ ସମ୍ଭାଳିବାରେ ସାହାଯ୍ୟ କରିବା ପାଇଁ ତପସ୍ୱିନୀ ସୁଭଦ୍ରା ଯୋଜନାର ଟଙ୍କାରେ ରାଧାବଲ୍ଲଭପୁର ଗଣେଶ ପଡ଼ିଆ ଘର ନିକଟରେ ଏକ ଛୋଟ ଦୋକାନ ଆରମ୍ଭ କରିଛନ୍ତି । ଏହି ଦୋକାନଟିକୁ ଗଢ଼ିବାରେ ତପସ୍ୱିନୀ କୌଣସି ବାହାର ଋଣ ନେଇନାହାନ୍ତି । ସ୍ୱାମୀ ଗ୍ୟାରେଜରୁ ବଳକା କାଠ ଆଣି ନିଜ ହାତରେ ଏକ ସୁନ୍ଦର କ୍ୟାବିନଟିଏ ତିଆରି କରିଦେଇଥିବା ବେଳେ, ସୁଭଦ୍ରା ଯୋଜନାରୁ ମିଳିଥିବା ୧୫ ହଜାର ଟଙ୍କାରେ ସେ ଦୋକାନ ପାଇଁ ସାମଗ୍ରୀ କିଣିଛନ୍ତି । ଦୋକାନରେ ପାନ, ସିଗାରେଟ୍, ଅଣ୍ଡା, ପେଷ୍ଟ ଓ ପିଲାଙ୍କ ପାଇଁ ସ୍ନାକ୍ସ ସାଙ୍ଗକୁ ସନ୍ଧ୍ୟା ସମୟରେ ଅଣ୍ଡା ସିଝା ଓ ଆମଲେଟ୍ ମଧ୍ୟ ବିକ୍ରି କରୁଛନ୍ତି । ତାଙ୍କୁ ସାହାଯ୍ୟ କରିବା ପାଇଁ ସାନ ପୁଅ ଧାମନଗରରୁ ମାଲପତ୍ର ଆଣି ଯୋଗାଇ ଦିଅନ୍ତି । ଯେଉଁ ମହିଳାଙ୍କ ପାଇଁ ଘରର ଚାରିକାନ୍ଥରୁ ବାହାରିବା ଏକ କଷ୍ଟକର ବ୍ୟାପାର ଥିଲା, ସେ ଆଜି ଦୈନିକ ୨ ରୁ ୩ ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଛନ୍ତି ।

## ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେଙ୍ଗାଲିରେ ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ସଫଳତାର ସହିତ ସମାପ୍ତ

ବଲାଙ୍ଗିର,୨୩/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ରେଙ୍ଗାଲି ଗ୍ରାମ ପଞ୍ଚାୟତରେ ଅବସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରେଙ୍ଗାଲିରେ ଦୁଇ ଦିନ ଧରି ଆୟୋଜିତ ପ୍ରଥମ ବାର୍ଷିକ କ୍ରୀଡା ଉତ୍ସବ ଆନନ୍ଦମୟ ପରିବେଶ ମଧ୍ୟରେ ସଫଳତାର ସହିତ ସମାପ୍ତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବୀର କିଶୋର ଶତପଥୀଙ୍କ ତତ୍ତ୍ୱାବଧାନ ଓ ପ୍ରେରଣାରେ ପ୍ରଥମଥର ପାଇଁ ଆୟୋଜିତ ଏହି କ୍ରୀଡା ଉତ୍ସବରେ ରେଙ୍ଗାଲି, କପିଳବାହାଲ ଓ ବାଗଡୁଙ୍ଗୁରୀ ଅଞ୍ଚଳର ଶିଶୁ ବାଟିକା ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ ।

ଉତ୍ସବର ପ୍ରଥମ ଦିନ ରେଙ୍ଗାଲି ଗ୍ରାମରେ ଏକ ଆକର୍ଷଣୀୟ ମଶାଲ ଯାତ୍ରା ସହ ଉଦ୍ଘାଟନ ସମାରୋହ ଅନୁଷ୍ଠିତ ହୋଇଥିଲା । ଉଦ୍ଘାଟନୀ ସମାରୋହରେ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ, ସଦସ୍ୟ ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଶ୍ରୀଯୁକ୍ତ ଉଦୟ ସିଂ ଠାକୁର ଶାରୀରିକ ସୁସ୍ଥତା ଓ ସମଗ୍ର ବିକାଶ ପାଇଁ କ୍ରୀଡାର ଆବଶ୍ୟକତା ଉପରେ ଜୋର ଦେଇ ଛାତ୍ରଛାତ୍ରୀମାନଙ୍କୁ ନିୟମିତ ଖେଳକୁଦରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଦୀର୍ଘ ବର୍ଷ ପରେ ଏପରି ଏକ କ୍ରୀଡା ଉତ୍ସବ ଆୟୋଜନ କରିଥିବାରୁ ସେ ପ୍ରଧାନ ଶିକ୍ଷକଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଶ୍ରୀ କୃଷ୍ଣ ଚନ୍ଦ୍ର ରାଜପୁତ ଓ ହୃଷୀକେଶ ସାହୁ ଅନ୍ତର୍ଜାତୀୟ କ୍ରୀଡାବିତ୍ ମାନଙ୍କ ଉଦାହରଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ଖେଳୁଆଡ଼ ମନୋଭାବ, ଶିଷ୍ଟାଚାର ଓ ଶିସ୍ତ ରଖି ଆଗକୁ ବଢ଼ିବା ପାଇଁ ଉତ୍ସାହିତ କରିଥିଲେ । ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ପୁଚି ଖେଳ ସହ ଦଶାଧିକ କ୍ରୀଡା ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇ ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ । ସମାପନୀ ସମାରୋହରେ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ, ମେଡାଲ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କର ସକ୍ରିୟ ସହଯୋଗ ଓ ଗ୍ରାମବାସୀଙ୍କ ଉପସ୍ଥିତି ଦ୍ୱାରା ବେଶ ସଫଳ କରାଯାଇପାରିଥିଲା । ପ୍ରଥମଥର ପାଇଁ ଆୟୋଜିତ ହୋଇଥିବା ଏହି ବାର୍ଷିକ କ୍ରୀଡା ଉତ୍ସବ ଗ୍ରାମ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ସ୍ୱୀକୃତି ଲାଭ କରିଛି ।

## ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

କେନ୍ଦୁଝର,୨୩/୧୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଂଚାୟତ ଅନ୍ତର୍ଗତ ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ପରିସରରେ ୨୦୨୫-୨୦୨୬ର ବାର୍ଷିକ ଉତ୍ସବ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ଡୁମୁରିଆ ପଂଚାୟତର ସରପଂଚ ଗୌରହରି ନାଏକ ଯୋଗ ଦେଇଥିବା ବେଳେ ଆନନ୍ଦପୁର ଗୋହିରା ଠାରେ ଥିବା ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଏବଂ ବିଶିଷ୍ଟ କବି ଅଶୋକ କୁମାର ପୁହାଣ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ । ସମ୍ମାନିତ ଅତିଥିଭ ଭାବେ ଭୀମକୁଣ୍ଡ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ଯନାର୍ଦନ ପଲେଇ ଏବଂ ବରିଷ୍ଠ ସାମ୍ବାଦିକ ନୃସିଂ ସିଂହ ସିଂ ଯୋଗଦାନ କରିଥିଲେ । ଏବଂ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ କ୍ରିଡା ପ୍ରତିଯୋଗୀତା ରେ ଅଂଶ ଗ୍ରହଣ କରି କୃତିତ୍ୱ ହାସ ଦାସଲ କରିଥୁବା ଉତ୍ସବ ରେ ଛାତ୍ରଛାତ୍ରୀ ମା ମାନଙ୍କୁ ଏହି ବାର୍ଷିକ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ବାର୍ଷିକ ଉତ୍ସବ ରେ କରାଯାଇ ମୂଳ ବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ ।

## ଧାମନଗର ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଭଦ୍ରକ,୨୩/୧୨ (ନି.ପ୍ର): ଭଦ୍ରକ ଜିଲା ଧାମନଗର ଅକ୍ସଫୋର୍ଡ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବିଜୟ କୁମାର ଶତପଥୀ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ଆରମ୍ଭରେ ନନ୍ଦକିଶୋର ଖଣ୍ଡୁଆଳ ସ୍ୱାଗତ ଭାଷଣରେ ଦେଇଥିଲେ । ସ୍କୁଲ ଅଧ୍ୟକ୍ଷ ଶରତ କୁମାର ମିଶ୍ର ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ବକ୍ତା ଭାବେ ରବିନ୍ଦ୍ର ବିହାରୀ ଯୋଗଦେଇ ଶିକ୍ଷା ସହ ନୀତିମୂଳକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଉପାଧ୍ୟକ୍ଷ ବିଜୟ କୁମାର ନାୟକ ମଧ୍ୟ ମଂଚାସୀନ ଥିଲେ । ଶେଷରେ ଚିତରଂଜନ ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ । ଅନୁଷ୍ଠାନ ସଫଳ କରିବାରେ ରମେଶ ଚନ୍ଦ୍ର ପ୍ରଧାନ, ସୁଦିପ କୁମାର ବିଶ୍ୱାଳ, ପଦ୍ମନାଭ ଦାଶ, ରଶ୍ମିରଞ୍ଜନ ପଣ୍ଡା, ମନୋଜ ସେଠୀ, ରଙ୍ଗାଧର ଜେନା, ସରସ୍ୱତୀ ସେନାପତି, ଲାବଣ୍ୟବତୀ ନାୟକ ଓ ନିରୁପମା ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସମାଜସେବୀଙ୍କ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଘଟଗାଁ,୨୩/୧୨ (ନି.ପ୍ର): ମା ତାରିଣୀ ମନ୍ଦିର ଟ୍ରଷ୍ଟ ର ପ୍ରଥମ ସଂସ୍ଥାପକ ତଥା ଶିକ୍ଷା ସଂସ୍କାରକ, ସମାଜସେବୀ ଭୀମସେନ ରାଉତଙ୍କ ଜୟନ୍ତୀ ପାଳନ ନିମନ୍ତେ ଭୀମସେନ ରାଉତ ମେମୋରିଆଲ ଟ୍ରଷ୍ଟର ଏକ ବୈଠକ ନାରାୟଣ ସେବା ସଂଘ ଘଟଗାଁ ଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ ମେମୋରିଆଲ ଟ୍ରଷ୍ଟୀ ରାଧେଶ୍ୟାମ ରାଉତ ଯୋଗଦେଇ ପୂର୍ବ ବର୍ଷ ର ଭୁଲ୍ ସମୂହ କୁ ସୁଧାରି ଅଧିକ ଆକର୍ଷଣୀୟ କରିବା ପାଇଁ ଆଲୋଚନା କରି ଥିଲେ ଓ ଭୀମସେନ ରାଉତ ମାର୍ଗ ନାମ ଫଳକ ଉନ୍ମୋଚନ ସଙ୍କ୍ରାନ୍ତୀୟ ପ୍ରସ୍ତାବକୁ ଅନୁମୋଦନ କରି ଥିବା ଜଣାପଡ଼ିଛି । ବିଭିନ୍ନ କାର୍ଯ୍ୟକ୍ରମରେ ସ୍ଥାନୀୟ ସାଂସଦ ଓ ବିଧାୟକଙ୍କ ପରାମର୍ଶ ଓ ସହଯୋଗ ଲୋଡିବାକୁ ସ୍ଥିର ହୋଇଛି । କାର୍ଯ୍ୟକ୍ରମରେ ଟ୍ରଷ୍ଟ ର ବରିଷ୍ଠ ସଦସ୍ୟ ଅନାଦି ସିଂହ, କୁଳମଣୀ ମଣ୍ଡଳ, ଚୈତନ୍ୟ ଚରଣ ଶାହ, ଡମ୍ବରୁଧର ରାଉତ, ଲଳିତ କୁମାର ରାଉତ, ଶେଖ୍ ଦାଉଦ, ଶତ୍ରୁଘ୍ନ ବେହେରା, ସଞ୍ଜୟ ବିଶ୍ୱାଳ, ମଦନମୋହନ ରାଉତ, ସରପଂଚ ସୌମ୍ୟା ରାଉତ ଓ ରାମ ହେମ୍ବ୍ରମ ଯୋଗ ଦେଇ ସମାଜସେବୀ ଙ୍କ ଘଟଗାଁ ଅଂଚଳର ବିକାଶ ରେ ସ୍ୱର୍ଗତ ଭୀମସେନ ରାଉତଙ୍କ ନିଃସ୍ୱାର୍ଥ ଯୋଗଦାନ ସମ୍ବନ୍ଧୀୟ ଚର୍ଚ୍ଚା କରି ଆଗାମୀ ଦିନରେ ଘଟଗାଁ ମହାପୁରୁଷ ଙ୍କ ଜନ୍ମବାର୍ଷିକ ଆୟୋଜନକୁ ଉତ୍ସବରେ ପାଳନ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଆବାହକ ଅଶୋକ କୁମାର ନାଥ ସମସ୍ତ ଉପସ୍ଥିତ ସଦସ୍ୟଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉଦଳାକୁ ମନ୍ତ୍ରୀପଦ ନହେଲା ନାହିଁ ରାଜ୍ୟସଭା ସାଂସଦ ପଦ ମିଳୁ : ଚର୍ଚ୍ଚା

ଉଦଳା, ୨୩/୧୨ (ନି.ପ୍ର): ରାଜ୍ୟରେ ଡ଼ବଲ ଇଂଜିନ ସରକାର କ୍ଷମତା ଦଖଲ କରିବା ପରେ ଉଦଳାରେ ଏହାର ପ୍ରଭାବ ଦେଖିବାକୁ ମିଳୁଛି । ଉଦଳା ନିର୍ବାଚନ ମଣ୍ଡଳି ଭାରତୀୟ ଜନତା ପାର୍ଟିକୁ ସବୁ ସମୟରେ ସମର୍ଥନ ଦେଇ ଆସିଛି । ଯାହାର ଦୃଶ୍ୟ ବେଶ ସ୍ପଷ୍ଟ ଦେଖିବାକୁ ମିଳୁଛି । ୪ଥର ଭାରତୀୟ ଜନତା ପାର୍ଟିର ବିଧାୟକ ଉଦଳାରୁ ଜିତିଥିବା ବେଳେ, କ୍ରମାଗତ ୩ଥର ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପଦ ଦଖଲ କରିଛି । ଏତିକି ବେଳେ ଡ଼ବଲ ଇଂଜିନ ସରକାରରେ ଉଦଳା ବିଧାୟକ ଭାସ୍କର ମଢ଼େଇ ନିଶ୍ଚିତ ରୂପେ ମନ୍ତ୍ରୀପଦ ପାଇବେ ବୋଲି ଶୁଣିବାକୁ ମିଳୁଥିଲା । ତେବେ ତାଙ୍କୁ ମନ୍ତ୍ରୀପଦ ନମିଳିବାର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା ବେଳେ ରାଜ୍ୟସଭା ସାଂସଦ ପଦ ପାଇଁ ଉଦଳାରୁ ପ୍ରାର୍ଥି ଚୟନ କରାଯିବ ବୋଲି ଶୁଣିବାକୁ ମିଳୁଛି । ଏଥିପାଇଁ ଉଦଳା ବର୍ତମାନ ପ୍ରକୃଷ୍ଟ କ୍ଷେତ୍ର ପାଲଟିଛି ବୋଲି ରାଜନୀତି



ସମୀକ୍ଷକଙ୍କ ମହଲରେ ଚର୍ଚ୍ଚା ହେଉଛି । ଏତିକି ବେଳେ ମନ୍ତ୍ରୀପଦ ନମିଳିଲା ନାହିଁ, ରାଜ୍ୟସଭା ସାଂସଦ ପଦ ମିଳୁ ବୋଲି ଉଦଳା ଅଂଚଳରେ ବହୁ ଜ୍ଞାନିଗୁଣି ଲୋକଙ୍କ ମହଲରେ ଚର୍ଚ୍ଚା ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ଉଦଳା ଭାଗ୍ୟରେ ଏହିପଦ ମିଳିଲେ ଓ ଏଥିପାଇଁ ଉପଯୁକ୍ତ ପ୍ରାର୍ଥି କିଏ ହେବେ ବୋଲି କଥା ଉଠିଲେ ନଗରପାଳ ପ୍ରମିଳା ପଣ୍ଡାଙ୍କ ନାମଟି ସର୍ବାଗ୍ରେ ଚର୍ଚ୍ଚାକୁ ଆସୁଛି । ଶିକ୍ଷାଗତ ଯୋଗ୍ୟତା, ରାଜନୀତି ଗୋଟି ଚାଳନାର ରଣ କୌଶଳ ସହିତ ପାର୍ଟିର ଜଣେ ଶୃଙ୍ଖଳିତ ସଦସ୍ୟା ଭାବରେ ତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ । କ୍ଷମତା ଦଖଲ ପାଇଁ ବାରମ୍ବାର ଦଳବଦଳ କରିବା ଭଳି ଶସ୍ତା ରାଜନୀତି ଠାରୁ ସେ ଅଛନ୍ତି ବହୁ ଦୂରରେ । ଏହିସବୁ କାରଣରୁ ରାଜ୍ୟସଭା ପଦଟି ତାଙ୍କୁ ବେଶ ଭଲ ସାଜିବ ବୋଲି ଅନେକ ମତ ଦେଇଛନ୍ତି । ତେବେ ଆଉ ଅଳ୍ପଦିନ ମଧ୍ୟରେ ଏହାର ଏକ ସ୍ପଷ୍ଟ ଚିତ୍ର ସାମନାକୁ ଆସିବ ବୋଲି ଶୁଣିବାକୁ ମିଳୁଛି । କେବଳ ପ୍ରମିଳା ପଣ୍ଡାଙ୍କୁ ଛାଡ଼ିଦେଲେ ଏହି ପଦ ପାଇଁ ଦ୍ୱିତୀୟ ବ୍ୟକ୍ତି କେହି ନଜରକୁ ଆସୁ ନାହାଁନ୍ତି ବୋଲି ଅନେକ ମତ ଦେଇଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ପଛୁଆବର୍ଗଙ୍କ ପାଇଁ ...

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଏପଟେ ବିଜେପି କହିଛି, ସରକାର ଏ ଦିଗରେ ବିଚାର କରୁଛନ୍ତି । ପଛୁଆବର୍ଗଙ୍କ ସହ ଦଳ ସବୁବେଳେ ରହିଥିଲା ଓ ରହିବ ମଧ୍ୟ । ବିରୋଧୀ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ପୂର୍ବ ସରକାର ସମୟରେ ଓବିସି କମିସନର ଅଧ୍ୟକ୍ଷ ଥିଲେ ଜଷ୍ଟିସ ରଘୁନାଥ ବିଶ୍ୱାଳ । ରାଜ୍ୟ ରାଜକୋଷରୁ କୋଟିକୋଟି ଟଙ୍କା ଖର୍ଚ୍ଚ କରି ପଛୁଆବର୍ଗଙ୍କୁ ଚିହ୍ନଟ କରିଥିଲେ ସରକାର । ଏହାର ରିପୋର୍ଟ ମଧ୍ୟ ଦିଆଯାଇଥିଲା । ହେଲେ ତାହା ଶୀତଳ ଭଣ୍ଡାର ରହିଯାଇଥିଲା । ଓବିସିଙ୍କ ପାଇଁ କୌଣସି ନୀତିଗତ ନିଷ୍ପତ୍ତି ନେଇନଥିଲେ ପୂର୍ବ ସରକାର । ତେଣୁ କେନ୍ଦ୍ରୀୟ ଓବିସି ତାଲିକାରୁ ବଞ୍ଚିତ ଏକାଧିକ ବର୍ଗ ବାରମ୍ବାର ତାଲିକାରେ ଯୋଡ଼ିହେବା ପାଇଁ ଦାବି କରିଛନ୍ତି ।

### ଦୋଛକିରେ ମହାନଦୀର...

ବିବାଦ ଆରମ୍ଭରୁ ଏବେ ଯାଏଁ, ଓଡ଼ିଶାର ପ୍ରତିଟି ପଦକ୍ଷେପକୁ ଅନୁଶୀଳନ କରାଯାଇଛି । ଟ୍ରିବ୍ୟୁନାଲରେ କେମିତି ଲଢ଼ିଛି ରାଜ୍ୟ ? ଆଗକୁ କ'ଣ ପଦକ୍ଷେପ ନିଆଯିବ ? ସେନେଇ ଆଲୋଚନା ହୋଇଛି । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାର ସ୍ୱାର୍ଥ ଯେପରି ବାଧାପ୍ରାପ୍ତ ନହେବ ସେଥିପ୍ରତି ଦୃଷ୍ଟି ଦେଇଛି କମିଟି । ବିଜେଡି ବିଧାୟକ ନିରଞ୍ଜନ ପୂଜାରୀଙ୍କ ଯୁକ୍ତି, ଆପୋସ ଆଲୋଚନାରେ ଏଯାଏଁ ଆନ୍ତଃରାଜ୍ୟ ନଦୀ ଜଳ ବିବାଦ ସମାଧାନ ହୋଇନି । ଟ୍ରିବ୍ୟୁନାଲରେ ପକ୍ଷ ରଖି କୋର୍ଟରେ ଲଢ଼ନ୍ତୁ ସରକାର । କଂଗ୍ରେସ ବିଧାୟିକା ସୋଫିଆଙ୍କ ମତ, ଓଡ଼ିଶାର ଜୀବନରେଖା ମହାନଦୀ ବିବାଦର ସମାଧାନ ଯଥାଶୀଘ୍ର ହେଉ । ଆଲୋଚନାର ସବୁ ପ୍ରସଙ୍ଗ ଓଡ଼ିଶାବାସୀ ଜାଣନ୍ତୁ । ଭୁବନେଶ୍ୱରରେ ଉଚ୍ଚସ୍ତରୀୟ କମିଟିର ବୈଠକ ଭିତରେ ଛତିଶଗଡର ବିବାଦୀୟ କଲମା ବ୍ୟାରେଜରେ ପହଞ୍ଚିଛି କନକ ନ୍ୟୁଜ୍ । ବ୍ୟାରେଜର ୬୪ ଗେଟ୍ ବନ୍ଦ ପରେ ମହାନଦୀ ଏବେ ମରୁଭୂମି ମୁହାଁ । ବ୍ୟାରେଜ ଉପରେ ଛିଡ଼ା ହେଲେ ଓଡ଼ିଶା ପ୍ରତି ଅନ୍ୟାୟର ସ୍ପଷ୍ଟ ଚିତ୍ର ବାରି ହୋଇ ପଡୁଛି । ଛତିଶଗଡ଼ ପଟେ ନୀଳ ଜଳରାଶି ଦିଶୁଥିବା ବେଳେ ଓଡ଼ିଶା ପଟେ ଖାଲି ବାଲି ହିଁ ବାଲି । ଏଭଳି ସ୍ଥିତି ଲାଗିରହିଲେ ମହାନଦୀର ମୃତ୍ୟୁ ହୋଇଯିବ ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା । ଛତିଶଗଡ଼ ସରକାରର ମନମାନି ଭିତରେ ମହାନଦୀ ବିବାଦର ସମାଧାନ କେବେ ତାକୁ ଅପେକ୍ଷା ?

### ବାଂଲାଦେଶରେ ବଢୁଛି ...

ପ୍ରଣୟ ବର୍ମାଙ୍କୁ ବୈଦେଶିକ ମନ୍ତ୍ରଣାଳୟକୁ ଡକାଯାଇଥିଲା । ଏହି ଅବସରରେ ଭାରତର ଡେପୁଟି ହାଇକମିସନର ମଧ୍ୟ ଉପସ୍ଥିତ ଥିଲେ । ବାଂଲାଦେଶ ବୈଦେଶିକ ସଚିବ ଅସଦ ଅଲ-ସିଆମ ହାଇକମିସନରଙ୍କୁ ଡକାଯାଇଥିଲା । ବୈଦେଶିକ ମନ୍ତ୍ରଣାଳୟ ସୂତ୍ର ଅନୁଯାୟୀ, ଭାରତର ବିଭିନ୍ନ ସ୍ଥାନରେ ବାଂଲାଦେଶ ମିସନକୁ ନେଇ ବଢୁଥିବା ସୁରକ୍ଷା ଚିନ୍ତା ଯୋଗୁଁ ବର୍ମାଙ୍କୁ ଡକାଯାଇଥିଲା । ଭାରତରେ ସମସ୍ତ ବାଂଲାଦେଶ ମିସନର ସୁରକ୍ଷାକୁ ଆହୁରି ମଜବୁତ କରିବାକୁ ତାଙ୍କୁ ଅନୁରୋଧ କରାଯାଇଥିଲା । ସେପଟେ ବାଂଲାଦେଶରେ ଫସି ରହିଥିବା ଭାରତୀୟ ନାଗରିକ, ବିଶେଷକରି ଡାକ୍ତରୀ ଛାତ୍ରଙ୍କ ସୁରକ୍ଷା ନେଇ ଚିନ୍ତା ବଢୁଛି ।

### ଚଳଚଞ୍ଚଳ ରାଜଧାନୀ ...

ଆଇଏମଡି ସତର୍କ ସୂଚନା ଜାରି କରିଛି । ଆଇଏମଡି ଅନୁଯାୟୀ, କୋରାପୁଟରେ ତାପମାତ୍ରା ଥଣ୍ଡା ୬.୩ ଡିଗ୍ରି ସେଲସିୟସକୁ ହ୍ରାସ ପାଇଛି । ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଯଥେଷ୍ଟ କମ୍ ତାପମାତ୍ରା ଅନୁଭୂତ ହୋଇଛି, ଦାରିଙ୍ଗବାଡିରେ ୭ ଡିଗ୍ରି, ନବରଙ୍ଗପୁରରେ ୮ ଡିଗ୍ରି, ଫୁଲବାଣୀରେ ୮.୫ ଡିଗ୍ରି, ଝାରସୁଗୁଡାରେ ୯.୪ ଡିଗ୍ରି, ବୌଦ୍ଧରେ ୯.୫ ଡିଗ୍ରି, ଅନୁଗୁଳରେ ୯.୬ ଡିଗ୍ରି, ଭୁବନେଶ୍ୱରରେ ୧୧.୯ ଡିଗ୍ରି ଏବଂ କଟକରେ ୧୨.୪ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି । ଡିସେମ୍ବର ୨୫ ରୁ ୨୭ ପର୍ଯ୍ୟନ୍ତ ସୁନ୍ଦରଗଡ଼, ଝାରସୁଗୁଡ଼ା, କେଉଁଝର, ସମ୍ବଲପୁର ଏବଂ ସୋନପୁର ଭଳି ଜିଲ୍ଲାରେ ଘନ କୁହୁଡ଼ି ହେବ ବୋଲି ଆଇଏମଡି ସତର୍କ କରିଛି ।

### ଉତ୍କଟ ବାୟୁ ପ୍ରଦୂଷଣ ...

ଉପରେ ଏକ୍ୟୁଆଇ ରେକର୍ଡ କରାଯାଇଛି । ଦିଲ୍ଲୀ ଏନସିଆର ଅଞ୍ଚଳରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି । ନୋଏଡ଼ାରେ ଏକ୍ୟୁଆଇ ୪୨୬ ଓ ଗାଜିଆବାଦରେ ଏକ୍ୟୁଆଇ ଆଜି ସକାଳେ ଏକ୍ୟୁଆଇ ଥିଲା ୪୧୫ । ପ୍ରଦୂଷଣ ହ୍ରାସ ପାଇଁ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ- ଗ୍ରାପ୍- ୪ ଲାଗୁ କରାଯିବା ସହିତ ବିଭିନ୍ନ ସ୍ଥାନରେ ପାଣି ସିଞ୍ଚନ କରାଯାଉଛି । କୁହୁଡ଼ି ଓ ଖରାପ ପାଗ ଯୋଗୁ ବିମାନ ଓ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଗତକାଲି ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୪ଟି ବିମାନ ବାତିଲ ହୋଇଥିବା ବେଳେ ୫ ଶହରୁ ଅଧିକ ବିମାନ ଚଳାଚଳ ବିଳମ୍ବ ହୋଇଥିଲା ।

# ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ସ୍ପେଶାଲ ଅପରେଶନ ଗ୍ରୁପ (ଏସଓଜି) ଚନ୍ଦକା ଠାରେ ୮ମ ରାଜ୍ୟ ପୋଲିସ ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଯୁଦ୍ଧ କୌଶଳ, ଶାରୀରିକ ସାମର୍ଥ୍ୟ, ରଣନୀତି କୌଶଳ ଓ ମାନସିକ ସହନଶୀଳତାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଆନ୍ତଃ ବାଟାଲିୟନ କମାଣ୍ଡୋ ପ୍ରତିଯୋଗିତା ଆୟୋଜନ କରାଯାଇଛି ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ନକ୍ସଲ ବିରୋଧୀ ଅଭିଯାନ) ଶ୍ରୀ ସଂଜୀବ ପଣ୍ଡା କହିଛନ୍ତି । ଏହି ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ବିଭିନ୍ନ ସଶସ୍ତ୍ର ବାଟାଲିୟନ୍ ର ୧୭ ଟି ଟିମର ୪୦୨ ଜଣ କମାଣ୍ଡୋ ଅଂଶ ଗ୍ରହଣ କରିଛନ୍ତି ।

ଏହା ସହ ପ୍ରତିଯୋଗିତା କମାଣ୍ଡୋଙ୍କ ମଧ୍ୟରେ ପେଶାଦାରିତା, ଶୃଙ୍ଖଳା ଓ ଦଳୀୟ ସମନ୍ୱୟକୁ ବଢ଼ାଇବାରେ ସକ୍ଷମ ହେବ ବୋଲି ଗୁରୁତ୍ୱାରୋପ କରିଥିଲେ । ଏହା ବ୍ୟତୀତ ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ତ୍ୱରିତ ଓ ସଫଳ ଭାବେ ମୁକାବିଲା କରିବା ପାଇଁ କମାଣ୍ଡୋ ମାନଙ୍କୁ ମାନସିକ ସ୍ତରରେ ସୁଦୃଢ କରି ପାରିବ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ପଣ୍ଡା ଆହୁରି ମଧ୍ୟ କହିଥିଲେ ଯେ, ସାମ୍ପ୍ରତିକ ପରିସ୍ଥିତିରେ ଆସୁଥିବା ଭିନ୍ନ ଭିନ୍ନ ଚ୍ୟାଲେଞ୍ଜ୍ ?ଗୁଡ଼ିକୁ ଦୃଷ୍ଟିରେ ରଖି କମାଣ୍ଡୋମାନେ ସଦା ସମୟରେ ଶାରୀରିକ ଓ ମାନସିକ ଭାବେ ଫିଟ୍ ରହିବା ନିତ୍ୟାନ୍ତ ଆବଶ୍ୟକ । ଏହା ସହ ନୂତନ ପ୍ରଯୁକ୍ତି, ଆଧୁନିକ ଅସ୍ତ୍ର ଶସ୍ତ୍ର ଓ ରଣନୀତି କୌଶଳ ସହ ନିଜକୁ ଅପଡେଟ ରଖିବା ଅତ୍ୟନ୍ତ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସଶସ୍ତ୍ର ପୋଲିସ ବ୍ୟାଟାଲିୟନ୍ ର କମାଣ୍ଡୋ ମାନେ ଅଂଶଗ୍ରହଣ କରି ଓବସ୍ଟାକଲ୍ କୋର୍ସ, ୫ କିଲୋଗ୍ରାମ ଓଜନର ବ୍ୟାକପ୍ୟାକ୍ ପିନ୍ଧି କନଫିଡେନ୍ସ କୋର୍ସରେ ୧.୩ କିଲୋମିଟର ଦୌଡ଼, ୫ କିଲୋଗ୍ରାମ ଓଜନର ବ୍ୟାକପ୍ୟାକ୍ ସହିତ କ୍ରସ୍-କଣ୍ଟ୍ରି ପଦଯାତ୍ରା, ଫାୟାରିଂ ଭଳି ପ୍ରତିଯୋଗିତାରେ ନିଜ ଦକ୍ଷତା ପ୍ରଦର୍ଶନ କରିବେ ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ସାନ୍ତାଳୀ ବିଭାଗର ଜାତୀୟ ଆଲୋଚନାଚକ୍ର

ବାରିପଦା , ୨୩/୧୨ (ନି.ପ୍ର): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାନ୍ତାଳୀ ବିଭାଗ ଦ୍ୱାରା ଆୟୋଜିତ ଏକ ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ର ଉଦ୍‌ଘାଟିତ ହୋଇଯାଇଛି । ଓଲ୍ ଚିକି ଲିପି ଉଦ୍ଭାବନର ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କ ପି.ଏମ୍ ଉଷା କାର୍ଯ୍ୟକ୍ରମ ପ୍ରାୟୋଜିତ 'ଓଲ୍ ଚିକି- ପୂର୍ବେ ଓ ଏବେ: ପରିବର୍ତ୍ତନଶୀଳ ବିଶ୍ୱରେ ଓଲ୍ ଚିକି ଲିପି- ଆହ୍ୱାନ ଏବଂ ସମ୍ଭାବନା' ଶୀର୍ଷକ ଏହି ଜାତୀୟ ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଉଦ୍‌ଘାଟନ କରି ନିଜ ବକ୍ତବ୍ୟରେ ଓଲ୍ ଚିକି ଲିପିର ଶତବର୍ଷ ଉତ୍ସବ ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣରେ ଏକ ଐତିହାସିକ ଘଟଣା ଏବଂ ଆମର ବିଶ୍ୱବିଦ୍ୟାଳୟ ଏହାର ଉତ୍ସବ ଆୟୋଜନ କରି ସାନ୍ତାଳୀ ସମାଜର ଗର୍ବକୁ ସମ୍ମାନ ଜଣାଇଛି ଏବଂ ଏହା ଭାରତର ବିବିଧତାକୁ ପ୍ରତିଫଳିତ କରି ରାଷ୍ଟ୍ରୀୟ ଏକତାକୁ ସଶକ୍ତ କରିବ ବୋଲି କହିଥିଲେ । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ଡକ୍ଟର ନାକୁ ହାଁସଦା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ ଯେ




ଓଲ୍ ଚିକି ଲିପି ସାନ୍ତାଳୀ ଭାଷା ଓ ସଂସ୍କୃତିର ଅସ୍ତିତ୍ୱର ପ୍ରତୀକ ଏବଂ ଏହାର ଶତବର୍ଷ ଉତ୍ସବ ସାନ୍ତାଳୀ ସମାଜର ଗର୍ବର ବିଷୟ, ଆଧୁନିକ ଡିଜିଟାଲ୍ ଯୁଗରେ ଏହାର ବ୍ୟବହାର ବଢ଼ାଇବା ପାଇଁ ଆମେ ନୂଆ ପ୍ରଯୁକ୍ତି ଓ ଶିକ୍ଷା ମାଧ୍ୟମରେ ଏହାକୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଓଲ୍ ଚିକି ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଶ୍ରୀ ଚୁନିୟାନ୍ ରଘୁ ମୁର୍ମୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ତାଙ୍କ ପିତାମହ ପଣ୍ଡିତ ରଘୁନାଥ ମୁର୍ମୁ ଓଲ୍ ଚିକି ଲିପି ସୃଷ୍ଟି କରି ସାନ୍ତାଳୀ ସମାଜକୁ ଏକ ନିଜସ୍ୱ ଲିପି ଦେଇଥିଲେ ଏବଂ ଏହାର ଶତବର୍ଷ ଉତ୍ସବ ସାନ୍ତାଳୀ ଭାଷାର ବିକାଶରେ ଏକ ମାଇଲଖୁଣ୍ଟ । ଆମକୁ ଏହାକୁ ସଂରକ୍ଷଣ କରି ନୂଆ ପିଢ଼ିକୁ ହସ୍ତାନ୍ତର କରିବାକୁ ହେବ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ନିଜ ବକ୍ତବ୍ୟରେ ଏହି ଆଲୋଚନାଚକ୍ର ସାନ୍ତାଳୀ ଭାଷା ଓ ଲିପିର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଏବଂ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଉନ୍ନତିରେ ଯୋଗଦାନ କରିବ ବୋଲି କହିଥିଲେ । ବିଶ୍ୱବିଦ୍ୟାଳୟ ପି.ଏମ୍ ଉଷା କାର୍ଯ୍ୟକ୍ରମର ନୋଡାଲ୍ ଅଧିକାରୀ ପ୍ରଫେସର ଇନ୍ଦ୍ରଜିତ ନାଏକ ବିଶ୍ୱବିଦ୍ୟାଳୟରେ ଏଭଳି କାର୍ଯ୍ୟକ୍ରମ ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣରେ ସହାୟକ ହେବ ଏବଂ ଏହା ରାଷ୍ଟ୍ରୀୟ ଶିକ୍ଷା ନୀତିର ଲକ୍ଷ୍ୟ ସହ ସଂଗତିପୂର୍ଣ୍ଣ ବୋଲି କହିଥିଲେ । ଆଲୋଚନାଚକ୍ରର ଆବାହକ ତଥା ବିଭାଗୀୟ ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ଅଧ୍ୟାପିକା ବିଷ୍ଣୁପ୍ରିୟା ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଦ୍ୱିଦିବସୀୟ ଜାତୀୟ ଆଲୋଚନାଚକ୍ରରେ ପଦ୍ମଶ୍ରୀ ବିଜେତା ଡ. ଦମୟନ୍ତୀ ବେଶ୍ରା, ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ରତନ ହେମ୍ବ୍ରମ୍, ସହକାରୀ ପ୍ରଫେସର ଡ. ଖୁଦିରାମ ମୁର୍ମୁ, ଏମ୍‌ପିସି ଅଟୋନମସ କଲେଜର ସହକାରୀ ପ୍ରଫେସର ଡ. ଲକ୍ଷ୍ମଣ ବାସ୍କେ, ଭୁବନେଶ୍ୱର କିସ୍‌ର ଏକାଡେମିକ୍ ନିର୍ଦ୍ଦେଶକ ଡା. କାଡେ ସୋରେନ, ସିଧୋ କାହ୍ନୋ ବିର୍ସା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପାଲ୍‌ଟନ ମୁର୍ମୁ, ଶାନ୍ତିନିକେତନ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ରାମୁ ହେମ୍ବ୍ରମ୍, ସାନ୍ତାଳୀ ୱିକିପେଡ଼ିଆର ଏଡମିନ୍ ଶ୍ରୀ ଆର. ଅଶ୍ୱିନ୍ ବଞ୍ଜମ୍ ମୁର୍ମୁ, ପଶ୍ଚିମବଙ୍ଗ ବେଲଦା କଲେଜର ସହକାରୀ ପ୍ରଫେସର ଡ. ଶ୍ୟାମ ମୁର୍ମୁ, ବାଙ୍କୁରା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅଞ୍ଜନ କର୍ମକାର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ମାନେ ଯୋଗଦାନ କରିଥିଲେ ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ



ବାସୁଦେବପୁର, ୨୩/୧୨ (ନି.ପ୍ର): ବାସୁଦେବପୁର ହନୁମାନ ବାଟିକା ଠାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ଗୁଇନ୍ଦା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ । ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ପ୍ରଦାନ କରିଥିଲେ ସଂସ୍କୃତ ଭାରତୀ ପୂର୍ବକ୍ଷେତ୍ର ସଂଯୋଜକ ନୃସିଂହ ଚରଣ ପଣ୍ଡା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ମଦନ ମୋହନ ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ରଖିଥିଲେ । ବିଦ୍ୟା ମନ୍ଦିରର ଯୁଗ୍ମ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାରଣା ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ତୁର୍ଯ୍ୟନାଦ ଉନ୍ମୋଚିତ ହୋଇଥିଲା । ଏହି ଉତ୍ସବରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ସହିତ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଉତ୍ସବରେ ନୃତ୍ୟ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଗୁରୁଜୀ ଗୁରୁମା ଉତ୍ସବ ପରିଚାଳନା କରିବାରେ ସହଯୋଗ କରିଥିଲେ ।

# ହୀରାପୁର ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ପାଳିତ

ବାଲେଶ୍ୱର : ୨୩/୧୨ : ରୂପସାସ୍ଥିତ ହୀରାପୁର ସରକାରୀ ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଆନୁକୁଲ୍ୟରେ ଛାତ୍ର ସଂସଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦର ସଭାପତି ଗୋପାଳ ଚନ୍ଦ୍ର ସାହୁ ଅଧକ୍ଷତା କରିଥିବା ବେଳେ ଜଗଦୀଶ ବ୍ରହ୍ମଚାରୀ ଅତିଥି ପରିଚୟ ଓ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରିୟଦର୍ଶିନୀ ବାରିକ ଓ ଅନିତା ଦାସ ପ୍ରମୁଖ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଗୋପାଳପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ବେହେରା, ସମ୍ମାନିତ




ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବଳ କୁମାର ବେହେରା, ସହକାରୀ ଶିକ୍ଷକ ବାରିଦ ବରନ ପ୍ରଧାନ ଓ ଅପାଳି ଅପରାଜିତା ଡ଼ଗର ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ସାମଗ୍ରିକ ବିକାଶରେ ପୁରାତନ ଛାତ୍ର ସଂସଦର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ପୁରାତନ ଛାତ୍ରଛାତ୍ରୀ ବିଦ୍ୟାଳୟର ବିକାଶ ଓ ବର୍ତ୍ତମାନର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସେତୁ ଭଳି କାର୍ଯ୍ୟ କରିଥାଏ ବୋଲି ଏହି ଅବସରରେ ଅତିଥିମାନେ ମତପ୍ରକାଶ କରିଥିଲେ । ପୁରାତନ ଛାତ୍ରସଂସଦ ଆନୁକୁଲ୍ୟରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଭାଷଣ, ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗୀତା ପ୍ରଭୃତି ଅନୁଷ୍ଠିତ ହେବା ସହ ଅତିଥିମାନେ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ମଧୁସ୍ମିତା ନାୟକ, ସୋମନାଥ ପାତ୍ର, କାହ୍ନୁ ଚରଣ ସ୍ୱାଇଁ, ଶ୍ୱେତାପଦ୍ମା ଶୁକ୍ଳା ଓ ମୁସାରତ ଜାହାଁ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ସଞ୍ଜୟ କୁମାର ପୋଥାଳ ଓ ହରେକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ନିରଞ୍ଜନ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୀତା ଜ୍ଞାନ ଦର୍ଶନ ପରିଷଦର ଅମିୟ ଧାରା ମହୋତ୍ସବ ପାଳିତ

ବାସୁଦେବପୁର, ୨୩/୧୨ (ନି.ପ୍ର): ବିପଦରୁ ଉଦ୍ଧାର କରୁଥିବା ଏକମାତ୍ର ଶାସ୍ତ୍ର ଶ୍ରୀମଦ୍ ଭଗବତ ଗୀତା । ଜୀବନର ସମସ୍ୟାର ସମାଧାନ ହିଁ ଶ୍ରୀମଦ୍ ଭାଗବତ ଗୀତା ଜୀବନ ଜୀଇଁବାର ମାର୍ଗ ହିଁ ଶ୍ରୀମଦ ଭାଗବତ ଗୀତା ତା୨୨.୧୨.୨୦୨୫ ରିଖରେ ଭଦ୍ରକ ଜିଲ୍ଲା ବାସୁଦେବପୁରର ବିନାୟକ ପୁର ଠାରେ ମା ଆଙ୍କୁଡ଼େଶ୍ୱରୀଙ୍କ ମନ୍ଦିରରେ ଗୀତା ଯଜ୍ଞ ଓ ପ୍ରବଚନ ସଂଧ୍ୟା ପାଳିତ ହୋଇଯାଇଛି । । ସର୍ବପ୍ରଥମେ ମା ଜଗତ ଜନନୀଙ୍କ ଭଜନ ଗାନ କରୁଥିଲେ ଶ୍ରୀମତୀ ମଞ୍ଜୁଲତା ଜେନା , ପ୍ରାୟ ଏକ ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ଗହଳିରେ ଆଧ୍ୟାତ୍ମିକ ପ୍ରବଚନ ହୃଦୟରେ ବିଭୁ ପ୍ରେମ ଭରି ଦେଉଥିଲା । ସଭାର ସଭାପତି ଅଧ୍ୟାପକ ବ୍ରଜମୋହନ ଦାଶ , ଉଦଘାଟକ ସମାଜସେବୀ ଉମେଶ ଚନ୍ଦ୍ର ମହାପାତ୍ର ଭଦ୍ରକ ଉପଦେଷ୍ଟା ଗୀତା ମହାନ୍ତି ,ମୁଖ୍ୟ ଅତିଥି - ଶ୍ରୀପାଦ ପ୍ରେମ ନିମାଇଁ ଦାସ ମହାରାଜ ସଂଗଠନ ସଂପାଦକ ବରିଷ୍ଠ ଆଇନଜୀବି ସୁରେନ୍ଦ୍ର ପ୍ରସାଦ ବାରିକ୍ ,ମୁଖ୍ୟ ବକ୍ତା ବିପିନ୍ ବିହାରୀ ବାରିକ୍ ବାଲେଶ୍ୱର , ସମ୍ମାନିତ ବକ୍ତା ଶିକ୍ଷାବିତ୍ କମଳା କାନ୍ତ ନାୟକ ଉପଦେଷ୍ଟା ଶିକ୍ଷାବିତ୍ ଗୀତା ମହାନ୍ତି ସଂପାଦିକା ସରସ୍ୱତୀ ବାରିକ୍ ପ୍ରଭୃତି ଉପସ୍ଥିତ ଥିଲେ । ମଞ୍ଚ ପରିଚାଳନା ରେ ପ୍ରଫୁଲ୍ଲ କୁମାର ଗୋଛାୟତ ଶିକ୍ଷକ ପ୍ରଶିକ୍ଷକ ଜିଲ୍ଲା ଶିକ୍ଷା ଓ ପ୍ରତିଷ୍ଠାନ ପରିଷଦ ଭଦ୍ରକ ଆଗରପଡ଼ା, ଅତିଥି ପରିଚୟ ଓ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସଂପାଦିକା ସରସ୍ୱତୀ ବାରିକ୍ ବାସୁଦେବପୁର ,ରାସବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କଦ୍ୱାର ,ସଭାର ସ୍ୱାଗତ ନୃତ୍ୟ ପରିବେଷଣ ,ପ୍ରବଚକ ମାଳିକା ଚାର୍ଯ୍ୟ ବିଭୂତି ଭୂଷଣ ପାଲ ଯାଜପୁର ଓ କଥାବ୍ୟାସ ଶ୍ରୀପାଦ ପ୍ରେମ ନିମାଇଁ ଦାସ ମହାରାଜା ମୁମ୍ବାଇ ଙ୍କ ଅମୃତ ମୟ ଭଗବାନଙ୍କ ବାଣୀରେ ସମଗ୍ର ପଞ୍ଚାୟତରେ ବାତାବରଣରେ ଦିବ୍ୟ ଭଗବତ୍ ସୁଖ ଅନୁଭବ ହେଉଥିଲା । ପିଲାମାନଙ୍କୁ ଗୀତା ପୁସ୍ତକ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ସାମ୍ବାଦିକ ମାନଙ୍କର ସେବାପାଇଁ ଆଦର୍ଶ ସାମ୍ବାଦିକ ସମ୍ମାନ , ଗୀତା ପ୍ରେମୀ ମାନଙ୍କୁ ଗୀତା ଜ୍ୟୋତି ସମ୍ମାନ , ଗୀତା ବ୍ୟାସ ସମ୍ମାନ ଓ ଆଧ୍ୟାତ୍ମିକ ସଂଗଠକ ସମ୍ମାନରେ ସମ୍ମାନିତ କରାଯାଇଥିଲା ।ରମାକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଓଡ଼ିଶାର କୋଣ ଅନୁକୋଣରୁ ଶୁଭେଛାବାର୍ତ୍ତା ଛୁଟିଥିଲା । କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ପଣ୍ଡା ଗଞ୍ଜାମ , ଉପଦେଷ୍ଟା ଗୋପାଳ କୃଷ୍ଣ ପଣ୍ଡା , ଗଞ୍ଜାମ ଉପସଭା ପତି ପ୍ରଫୁଲ୍ଲ ଆଚାର୍ଯ୍ୟ ଯାଜପୁର , ସଞ୍ଚାଳକ ହୃଷିକେଶ ପ୍ରଧାନ ନୟାଗଡ଼ , ଜିଲ୍ଲା ସଭାପଭାପତି ପ୍ରମୋଦ କୁମାର ପାଢ଼ୀ ନୟାଗଡ଼ ସହ ସଂପାଦିକା ନଳିନୀପ୍ରଭା ଦାସ କଳାହାଣ୍ଡି ,ସ୍ୱର୍ଣ୍ଣଲତା ପତି ପୁରୀ ପ୍ରଭୃତି ଶୁଭେଛା ବାର୍ତ୍ତା ଜଣାଇଥିଲେ ।

# ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୨୩/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକର ଫରସରା ପଂଚାୟତର ବୁଢ଼ୀ ପଦର ଗାଁରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥି ପାଇଁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଅନ୍ୟାନ୍ୟ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଗାଁରେ ପହଂଚିଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ସୁର୍ମୀ ସୋରେନ୍ , ବିଡ଼ିଓ ସୁଶାନ୍ତ କୁମାର ରଣା, ଅତିରିକ୍ତ ତହସିଲଦାର ଅନସୁୟା ବାଗଦେବି, ଫରସରା ସରପଂଚ ସରିତା ନିଆଲ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ । ଆଜିର ଏହି ସୁନ୍ଦର କାର୍ଯ୍ୟକ୍ରମ ପାଇଁ ବୁଢ଼ୀ ପଦର ଗାଁ ଆନନ୍ଦ ମୁଖର ହୋଇ ଉଠିଥିଲା । ଝିଅ ପାଇଁ ଗଛଟିଏ ଓ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ନବଜାତକ ଶିଶୁ କନ୍ୟା ସ୍ନେହାଞ୍ଜଳି ମାଝୀ ଓ ତାର ପିତାମାତାଙ୍କୁ ସମାରୋହରେ ଜିଲ୍ଲାପାଳ ଉପହାର ଓ ବୃକ୍ଷ ରୋପଣ ପାଇଁ ଚାରା ପ୍ରଦାନ କରିଥିଲେ । ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର ?ୟକ୍ରମରେ ଗାଁର ତିନି ଜଣ ଗର୍ଭବତୀ ମହିଳାଙ୍କୁ ଏହି ସମାରୋହରେ ଅତିଥିମାନେ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ । ଏହାପରେ ଶ୍ରମିକ ସଚେତନତା ଶିବିରରେ ଅତିଥି ମାନେ ଗାଁ ବାସୀ ମାନଙ୍କୁ ମନରେଗା ଯୋଜନାରେ କାମ କରିବା ସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗଦେଇ ନିଜ ନିଜ ବିଭାଗର କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନସାଧାରଣଙ୍କୁ ବୁଝାଇଥିଲେ । ସମସ୍ତଙ୍କୁ ସମ୍ବୋଧନ କରି ଜିଲ୍ଲାପାଳ କହିଲେଯେ ଗାଁର କୌଣସି ବି ପୁରୁଷ କିମ୍ବା ମହିଳା ଭୁଲ୍ ରେ ବି ପ୍ରବାସୀ ଶ୍ରମିକ ହିସାବରେ ଅନ୍ୟ ରାଜ୍ୟକୁ ଯାଇ ହଇରାଣ ହରକତ ହୁଅନ୍ତୁ ନାହିଁ ।

**AFFIDAVIT**

By virtue of an affidavit sworn before Executive Magistrate, Balasore, dated: 28/04/2025 I Satya Narayan Chakrabarty, Address- At- Krushnapur, Po- Bahanaga, Ps- Khantapada, Dist- Baleswar, Odisha- 756042 declare that I have changed my son's name from Amit Chakrabarty to Jagat Chakrabarty . Hencefort, he shall ne known as Jagat Chakrabarty for all purposes.

Satyanarayan Chakrabarty

ବୁଧବାର, ଡିସେମ୍ବର ୨୪, ୨୦୨୫

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ପିଚିକୁଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଅନୁଷ୍ଠିତ

ଖୋର୍ଦ୍ଧା , ୨୩/୧୨ (ନି.ପ୍ର): ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ଙ୍କ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅଧୀନ ପୂର୍ବାହ୍ନରେ ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଜନଶୁଣାଣି ଶିବିରରେ ମାନ୍ୟବର ବିଧାୟକ, ବେଗୁନିଆ, ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଜ୍ୟୋତି ଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା ଶ୍ରୀନିବାସ ମହାନ୍ତି,ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ,ବି ଡି ଓ, ବୋଲଗଡ଼ ସୁମନ୍ ସୁଧା କୁଣ୍ଡୁ, ତହସିଲଦାର, ବୋଲଗଡ଼, ବିଜୟ କୁମାର ସେଠୀ, ସ୍ଥାନୀୟ ସରପଞ୍ଚ ଯୋଗିନାଥ ମାଝୀ ପ୍ରମୁଖ ମଞ୍ଚାସିନ ଥିଲେ । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ କହିଲେଯେ ସୁଶାସନ ସପ୍ତାହ ଚାଲିଥିବାରୁ ପ୍ରତ୍ୟେକ ଅଧିକାରୀ ନିଜ କାର୍ଯ୍ୟାଳୟ ଅଧୀନ କୌଣସି ଅଭିଯୋଗ ସମାଧାନକୁ ସ୍ଥଗିତ ରଖିବେ ନାହିଁ । ଯଥାସମ୍ଭବ ସରକାରଙ୍କର ଏବଂ ଜିଲ୍ଲା ପ୍ରଶାସନ ନିୟମାନୁସାରେ ସେଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଜିର ଅଭିଯୋଗ ଶୁଣାଣି ରେ ମୋଟ ୮୮ ଗୋଟି ଅଭିଯୋଗ ଆସିଥିବାବେଳେ ତନ୍ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୭୩ ଗୋଟି ଏବଂ ଗ୍ରାମୀଣ ସମସ୍ୟା ଜନିତ ୧୫ ଗୋଟି ଅଭିଯୋଗ ଆସିଥିଲା । ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ତତ୍କାଳ ୪ ଗୋଟି ଅଭିଯୋଗ ର ସମାଧାନ କରିଥିବାବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର, ଅଭିଯୋଗ ଭୁବନେଶ୍ୱରୀ କଅଁର, ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ମାନେ ଯୋଗଦେଇଥିଲେ ।

## କୀର୍ତ୍ତି ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାଲିଆପାଳ , ୨୩/୧୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଅନ୍ତର୍ଗତ କୀର୍ତ୍ତି ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ନାରାୟଣପୁରର ୪୯ ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋଲୋକ ବିହାରୀ ପଟ୍ଟାୟତଙ୍କ ସଭାପତିତ୍ୱରେ ସଭାର ଆ ଆୟୋଜନ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଡାଃ ସମୀର ରଞ୍ଜନ ବେହେରା, ମୁଖ୍ୟ ବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଡଃ. କାଳିକିଙ୍କର ଦାସ, ସମ୍ମାନିତ ଅତିଥି ରୂପେ ଧୀରେନ୍ଦ୍ର ନାଥ ହାଜିରା, କାହ୍ନୁଚରଣ ଗିରି, ବିଦ୍ୟାଧର ପରିଡା, ସନ୍ତୋଷ କୁମାର ଗିରି, ବାବାଜୀ ଦେହୁରି, ରାଜୀବଲୋଚନ ରାୟ, ସି.ଆର.ସିସି ଜଗନ୍ନାଥ ମହାନ୍ତି ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ ବିଭିନ୍ନ ପ୍ରତିଯୋଗତାରେ ଅଂଶଗ୍ରହଣ କରି କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଦ୍ୱାରା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ ଏବଂ ଶିକ୍ଷୟିତ୍ରୀ ଶୁଭଶ୍ରୀ ଜେନାଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା । ଶିକ୍ଷକ ପିତବାସ ଗିରି ଧନ୍ୟବାଦ ଦେଇଥିଲେ । ଶିକ୍ଷକ ହରିପଦ ବାରିକ, ହରିପ୍ରସାଦ ସୋରେନ୍, ଜିତେନ୍ଦ୍ର ଜେନା, ରାଜୀବଲୋଚନ ମଲ୍ଲିକ, ଶିକ୍ଷୟିତ୍ରୀ ଦୀପ୍ତିରାଣୀ ଦାସ, କଳ୍ପନା ପ୍ରମାଣିକ, ସଙ୍ଗୀତା ରାଉତ, ସଙ୍ଗୀତା ଗିରି ତଥା ଆନନ୍ଦ ରଞ୍ଜନ ଗିରି ଏବଂ ପ୍ରହ୍ଲାଦ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଜାତୀୟ ଭୋଟର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, ୨୩/୧୨ (ନି.ପ୍ର): ଜାନୁଆରୀ ୨୫ ତାରିଖରେ ପାଳନ କରାଯିବାକୁ ଥିବା ଜାତୀୟ ଭୋଟର ଦିବସ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପାଳ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜାନୁଆରୀ ୨୫ ତାରିଖରେ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଦ୍ୟାଳୟ ଏବଂ କଲେଜ ଛାତ୍ରଛାତ୍ରୀ ଙ୍କୁ ନେଇ ଏକ ରାଲି କ୍ୟାପିଟାଲ ହାଇସ୍କୁଲ ଠାରୁ ସଚିବାଳୟର ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ କରାଯିବାକୁ ନିଷ୍ପତି ନିଆ ଯାଇଥିବା ବେଳେ ଦୂଲଦୁଲି, ଘୁମୁରା ନାଚ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମାନ କରାଯିବାକୁ ମଧ ନିଷ୍ପତି ନିଆଯାଇଛି । ସେହିପରି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶପଥ ପାଠ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ନିମନ୍ତେ ମଧ ନିଷ୍ପତି ନିଆଯାଇଛି ।

## ବାଣପୁର ଶିଶୁ ମନ୍ଦିରରେ ବାର୍ଷିକ ଉତ୍ସବ ଓ ସମ୍ବର୍ଦ୍ଧନା ସଭା



ଖଇରା, ୨୩/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ର ସର୍ବ ପୁରାତନ ବାଣପୁର ସରସ୍ୱତୀ ଶିଶୁ ମନ୍ଦିରର ୩୦ତମ ବାର୍ଷିକ ଉତ୍ସବ ସହିତ ବିଦାୟୀ ପ୍ରଧାନଚାର୍ଯ୍ୟ ଅଶୋକ ରଞ୍ଜନ ପଲାଇଙ୍କ ଅବସରକାଳୀନ ସଭା ଦିବସ ବ୍ୟାପି ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ପର୍ଯ୍ୟାୟରେ ପରିଚାଳନା କମିଟି ସଭାପତି ଗୟାଧର ଖଟୁଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସେବା ନିବୃତ୍ତ ସମ୍ବର୍ଦ୍ଧନା ସଭାରେ ସୁର ସଂକୁଳ ପ୍ରମୁଖ ମନୀନ୍ଦ୍ର କୁମାର ଦିକ୍ଷିତ ମୁଖ୍ୟ ଅତିଥି,ଅଧ୍ୟାପକ ବିଜୟ କୁମାର ବେହେରା ମୁଖ୍ୟବକ୍ତା,ପୁରାତନ ଛାତ୍ର ପରିଷଦ ସଭାପତି ମୟୁର ଦାସ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ ।ପ୍ରଧାନାଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶ ଅତିଥି ପରିଚୟ, ଛାତ୍ରୀ ସୁଲଗ୍ନା ଦାଶ ଏକକ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଗୁରୁମା ଗୁରୁଜୀ,ଛାତ୍ରୀଛାତ୍ର ସେହିଭଳି ଅପରାହ୍ନରେ ଆୟୋଜିତ ବାର୍ଷିକ ଉତ୍ସବରେ ଶିକ୍ଷା ବିକାଶ ସମିତି ପୂର୍ବୋତ୍ତର ସମ୍ଭାଗର ସଭାପତି ଡଃ ନରୋତ୍ତମ ପରିଡା ମୁଖ୍ୟଅତିଥି, ମନୀନ୍ଦ୍ର ଦିକ୍ଷିତ ମୁଖ୍ୟବକ୍ତା, ଖଇରା ମହାବିଦ୍ୟାଳୟର ପୁର୍ବତନ ଅଧ୍ୟକ୍ଷ ତଥା ସଂସ୍କୃତ ବିଶାରଦ ନିରଞ୍ଜନ ପଣ୍ଡା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ପିଲାମାନେ ଆଳସ୍ୟ ଛାଡି, ଆତ୍ମବଡିମା ପରିତ୍ୟାଗ କରି ନିଜକୁ ସବୁବେଳେ ଇତର ମଣିବା ସହ ଉଚ୍ଛୃଙ୍ଖଳତା ଆଚରଣରୁ ଦୁରେଇ ରହିଲେ ଜଣେ ଉତ୍ତମ ମଣିଷ ହୋଇ ପାରିବେ ବୋଲି ପ୍ରକାଶ କରିଥିଲେ । ପୂର୍ବତନ କମିଟି ସଭାପତି ଚିତ୍ତ ରଞ୍ଜନ ପଣ୍ଡା, ଭାନୁମତୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶତ୍ରୁଘ୍ନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ, ରମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ କରିଥିଲେ । ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ କୁନି କୁନି କଳକାର ମାନଙ୍କ ଦ୍ୱାରା ନୃତ୍ୟ,ଗୀତ ଓ ନାଟକ ପରିବେଷଣ କରାଯାଇଥିଲା । ସମସ୍ତ ଗୁରୁମା ଗୁରୁଜୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭତ୍ତା, ରେଶନ କାର୍ଡ଼ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଏବଂ ପକ୍ଷପାତିତା ବିରୁଦ୍ଧରେ ବିଜେଡ଼ି ପକ୍ଷରୁ ପ୍ରତିବାଦ ସଭା




ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ବ୍ଲକରେ ଭତ୍ତା , ରେସନକାର୍ଡ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଅନିୟମିତତା ଏବଂ ବଣ୍ଟନରେ ପକ୍ଷପାତ ନୀତିକୁ ବିରୋଦ୍ଧ କରି ନୀଳଗିରି ବିଜେଡ଼ି ପକ୍ଷରୁ ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକଙ୍କ ନେତୃତ୍ୱ ରେ ପୂର୍ବାହ୍ନ ୧୧ ଘଟିକା ସମୟରେ ବ୍ଲକ ପରିସରରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ନୀଳଗିରି ବ୍ଲକ ର ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଚୟନ ଓ ବିଭାଗୀୟ କାର୍ଯ୍ୟ ସମ୍ପାଦନରେ ବିଶେଷ ଭାବେ ବିଜେଡ଼ି ଜନପ୍ରତିନିଧି ମାନଙ୍କୁ ସମ୍ପୂର୍ଣ୍ଣ ଉପେକ୍ଷା କରାଯାଉଛି ବୋଲି ଅଭିଯୋଗ ହୋଇ ଆସୁଥିଲା । ଅନୁରୂପ ଭାବେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ ସମୟରେ ବରିଷ୍ଠ ନାଗରିକ, ବିଧବା, ବିକଳାଙ୍ଗ ଓ ଅନ୍ୟାନ୍ୟ ଭତା ପାଇବାର ହକ୍‌ଦାର ଥିବା ଲୋକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଗୁରୁତ୍ୱ ଦିଆଯାଉ ନଥିବା ରୁ ସେମାନେ ଭତ୍ତା ରୁ ବଞ୍ଚିତ ହେଉଛନ୍ତି । ସେହିପରି ଅଦୃଶ୍ୟ ଶକ୍ତି ଚାପର ବଶବର୍ତି ହୋଇ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ରେସନକାର୍ଡ ପ୍ରଦାନ ନକରି ଟାଳଟୁଳ ନୀତି ଅବଲମ୍ବନ କରାଯାଉଥିବା ନେଇ ଅଭିଯୋଗ ହୋଇଛି । ଉକ୍ତପ୍ରତିବାଦ ସଭାରେ ବିଜେଡ଼ି ରାଜ୍ୟ ସାଧାରଣ ସମ୍ପାଦିକା ତଥା ମୁଖପାତ୍ର ଡ.ଲେଖାଶ୍ରୀ ସାମନ୍ତ ସିଂହାର, ପୂର୍ବତନ ପର୍ଯ୍ୟଟନ ଓ ସାଂସ୍କୃତିକ ମନ୍ତ୍ରୀ ଡ. ଜ୍ୟୋତିପ୍ରକାଶ ପାଣିଗ୍ରାହୀ,ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ବରିଷ୍ଠ ନେତା ଗଙ୍ଗାଧର ମିଶ୍ର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରମେଶ ମହାନ୍ତି, ଆରବନ୍ଧ ଗ୍ରା:ପ ସରପଞ୍ଚ କୁଳମଣି ନାୟକ, ସିଆଡ଼ିମାଳ ସରପଞ୍ଚ ସୁରଥ ସିଂ, ସମିତି ସଭ୍ୟ ରାଜୀବ ଦାସବାବୁ, ଯୁବନେତା ଉପେନ୍ଦ୍ର ଦାସ, ମାଟିଆଳି ସରପଞ୍ଚ ଶାନ୍ତିଲତା ମଢେଇ, ସମିତି ସଭ୍ୟ ଶଶଧର ମହାପାତ୍ର, ଛତ୍ରପୁର ସରପଞ୍ଚ ମାଳତୀ ମାରାଣ୍ଡି, କେଶିପୁର ସରପଞ୍ଚ ବାସନ୍ତୀ ହେମ୍ବ୍ରମ, ଭଉଁରିଆବାଡ଼ ସରପଞ୍ଚ ସଞ୍ଜୟ ସିଂ, ଆରକେପୁର ସମିତି ସଭ୍ୟା ସାବିତ୍ରୀ ସିଂ, ଶଶଧର ବିଶ୍ୱାଳ, ରାମକୃଷ୍ଣ ମହାପାତ୍ର , ସତ୍ୟବାନ ବାରିକ,ଉପେନ୍ଦ୍ର ନାୟକ, ଏନଏସି ପୂର୍ବତନ ସଭାପତି ପ୍ରଫୁଲ୍ଲ ପରିଡ଼ା, ପୂର୍ବତନ କାଉନସିଲର ଅଚ୍ୟୁତ ପ୍ରଧାନ, ଯୁବନେତା ଶ୍ରୀନିବାସ ବାଗ, ଜୟନ୍ତ ପୁଟି, ହେମେନ୍ଦ୍ର ରାଜ, ମଛୁଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଭିମନ୍ୟୁ କର, ଜୟନ୍ତ ପୁଟି,ସମେତ ବହୁ ନେତା ଉପସ୍ଥିତ ଥିଲେ ।ଉକ୍ତ ପ୍ରତିବାଦ ସଭାରେ ଏକ ହଜାରରୁ ଉର୍ଦ୍ଧ ଜନସାଧାରଣ ଉପସ୍ଥିତ ଦେଖି ବାକୁ ମିଳିଥିଲା ।

## ବିଜେପି ଜିଲ୍ଲାକମିଟି ଘୋଷଣା: ନୀଳଗିରିରୁ ୪ଜଣଙ୍କୁ ମୁଖ୍ୟଦାୟିତ୍ୱ

ନୀଳଗିରି, ୨୩/୧୨ (ନି.ପ୍ର): ଭାରତୀୟ ଜନତା ପାର୍ଟି ବାଲେଶ୍ୱର ସାଙ୍ଗଠନିକ ଜିଲ୍ଲାର ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ନୂତନ ଭାବେ ସମସ୍ତ ଜିଲ୍ଲା ପଦାଧିକାରୀ ଘୋଷଣା କରାଯାଇଅଛି । ଉକ୍ତ କମିଟି ରେ ନୀଳଗିରି ନିର୍ବାଚନ ମଣ୍ଡଳୀରୁ ଜିଲ୍ଲା କମିଟିରେ ସାଧାରଣ ସମ୍ପାଦକ ଭାବେ ଚନ୍ଦ୍ରଶେଖର ନନ୍ଦ, ଉପସଭାପତି ଭାବେ କରୁଣାକର ପଣ୍ଡା,ସମ୍ପାଦକ ଭାବେ ବଳରାମ ବିଶ୍ୱାଳ ଓ ସମ୍ପାଦିକା ଭାବେ ଉଷାରାଣୀ ରାଉଳ ମନୋନୀତ ହୋଇଛନ୍ତି.ଜିଲ୍ଲା କମିଟିରେ ସ୍ଥାନ ପାଇଥିବା ସଦସ୍ୟ ମାନେ ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ,ରାଜ୍ୟ ସଂଗଠନ ମନ୍ତ୍ରୀ ମାନସ ମହାନ୍ତି,ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଓ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଙ୍କୁ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି. ସଦସ୍ୟ ମାନେ ଆଗାମୀ ଦିନରେ ବାଲେଶ୍ୱର ଜିଲ୍ଲାରେ ସଙ୍ଗଠନକୁ ଆହୁରି ଅଧିକ ଶକ୍ତିଶାଳୀ ଓ ମଜବୁତ କରିବେ ବୋଲି ମତପ୍ରକାଶ କରିଛନ୍ତି ।

## ବିଶିଷ୍ଟପୂଜକ ବଂଶୀଧର ପଣ୍ଡାଙ୍କ ତିରୋଧାନ



ନୀଳଗିରି, ୨୩/୧୨ (ନି.ପ୍ର): ନୀଳଗିରି ବ୍ଲକ୍ ନରଣପୁର ପଞ୍ଚାୟତ ଡାଳିମ୍ବପାଳ ଗ୍ରାମର ବିଶିଷ୍ଟ ପୂଜକ ତଥା ସମାଜସେବୀ ବଂଶୀଧର ପଣ୍ଡା ୮୦ବର୍ଷ ବୟସରେ ମୃତ୍ୟୁବରଣ କରିଛନ୍ତି । ଜଣେ ସମାଜସେବୀ ଭାବରେ ଗ୍ରାମ ତଥା ଆଖପାଖ ଅଞ୍ଚଳରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ ରହିଥିଲେ । ଜଣେ ବିଶିଷ୍ଟ ବାସ୍ତୁବିତ୍ ଭାବରେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ । ଦୀର୍ଘଦିନ ଧରି ନିକଟସ୍ଥ ନରଣପୁର ଗ୍ରାମର ଶିବମନ୍ଦିରର ପୂଜକ ଭାବରେ କାର୍ଯ୍ୟକରି ପ୍ରିୟଭାଜନ ହୋଇପାରିଥିଲେ । ବଡ଼ପୁଅ କରୁଣାକର ପଣ୍ଡା ଦୀର୍ଘଦିନ ଧରି ବିଜେପିର ଜଣେ ଆଗଧାଡିର ନେତା ଥିବାବେଳେ ଚଳିତ ଜିଲ୍ଲାକମିଟିରେ ଉପସଭାପତି ଭାବରେ ଚୟନହୋଇ ନିଜର ପତିଆରା ଦଖଲ କରିପାରିଛନ୍ତି । ସ୍ୱର୍ଗତ ବଂଶୀଧର ପଣ୍ଡାଙ୍କ କନିଷ୍ଠପୁତ୍ର ଦିବାକର ପଣ୍ଡା ଡିଆରଡିଓର ବୈଜ୍ଞାନିକ ଭାବରେ କାର୍ଯ୍ୟରତ ଅଛନ୍ତି । ସେ ଜଣେ ମିଷ୍ଟ, ପରୋପକାରୀ ଭାବରେ ଅଞ୍ଚଳରେ ବେଶ୍ ଜଣାଶୁଣା ଥିବାବେଳେ ଉଚ୍ଚ ରକ୍ତଚାପ, ମୂତ୍ରାଶୟ ରୋଗରେ ପୀଡିତ ଥିବାବେଳେ ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ସୋମ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ତାଙ୍କର ମରଶରୀର ପ୍ରଥମେ ନରଣପୁର ପହଞ୍ଚିବାପରେ ଶହଶହ ସଂଖ୍ୟାରେ ପୁରୁଷ ଓ ମହିଳା ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ପରିକ୍ରମାକରି ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଦେଇଥିଲେ । ପରେ ଡାଳିମ୍ବପାଳ ନିଆଯାଇ ଗ୍ରାମ ପରିକ୍ରମା କରି ଶେଷକୃତ୍ୟ ସମ୍ପନ୍ନ କରାଯାଇଛି ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ ତମ ବାର୍ଷିକ ଉତ୍ସବ




ବସ୍ତା , ୨୩/୧୨ (ନି.ପ୍ର): ସଦର ବ୍ଲକ ହଳଦୀପଦା, ରମାକାନ୍ତ ବିହାର ରେ ଅବସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ର ଅଷ୍ଟାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତି ର ଅଧକ୍ଷ ଶରତଚନ୍ଦ୍ର ମଲ୍ଲିକ, ସମ୍ମାନିତ ଅତିଥି ଉପେନ୍ଦ୍ର ସାହୁ, ସଭାପତି କାର୍ତ୍ତିକ ଚନ୍ଦ୍ର ବାରିକ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କ ସୁ ଭବିଷ୍ୟତ ଗଠନ ପାଇଁ ପ୍ରାଥମିକ ସ୍ତରରୁ ଶିକ୍ଷାକୁ ଗୁରୁତ୍ୱ ଦେବା ଦିଗରେ ଅଭିଭାବକ ଙ୍କୁ ଅନୁରୋଧ କରିବା ସହ କଠିନ ପରିଶ୍ରମ କରି ଶିକ୍ଷା କୁ ନିଶା କରିବା ପାଇଁ ପିଲା ମାନଙ୍କୁ ଅଭି ଭାଷଣ ରଖିଥିଲେ । ଯୁଗ୍ମ ସମ୍ପାଦକ ମହେନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଆଚାର୍ଯ୍ୟ ସାଗରିକା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଦଣ୍ଡିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନ



ବାଲିଆପାଳ , ୨୩/୧୨ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଦଣ୍ଡିକା ଉଚ୍ଚ ବିଦ୍ୟାଳୟ ରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଗୋପୀନାଥ ବେହେରା ପୌରହିତ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବାହାର୍ଦା ପଞ୍ଚାୟତ ସରପଞ୍ଚ ସଞ୍ଜୀବ କୁମାର ଦଳାଇ ଯୋଗଦେଇ ଶିକ୍ଷା ର ବିକାଶ ହେଲେ ଅଞ୍ଚଳର ପରିବର୍ତନକୁ କେହି ଅଟକାଇ ପାରିବେନି ବୋଲି କହିଥିଲେ ଶୃଙ୍ଖଳିତ ସହ ସଂସ୍କାରି ହେବା ବିଦ୍ୟାର୍ଥୀଙ୍କ ବ୍ରତ ହେଉ ବୋଲି ମୁଖ୍ୟ ବକ୍ତା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମହାନ୍ତି କହିଥିଲେ ସମ୍ମାନିତ ଅତିଥି ଭାବରେ ଗୁଡିଖାଲ ଉଚ୍ଚ ବିଦ୍ୟାଳୟ ର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାୟକ ବିଦ୍ୟାର୍ଥୀଙ୍କ ଶିକ୍ଷା ର ଉନ୍ନତି ନିମନ୍ତେ ମାର୍ଗଦର୍ଶନ ଦେଇଥିଲେ ବରିଷ୍ଠ ଅତିଥି ଭାବରେ ବାହାର୍ଦା ପଞ୍ଚାୟତ ର ସମିତି ସଭ୍ୟ ରାଜକିଶୋର ଦାସ ପିଲାଙ୍କ ମଧ୍ୟରେ ଥିବା ଅନ୍ତରନିହିତ ଶକ୍ତି ଓ ଚେତନାର ବିକାଶ କରିବା ଶିକ୍ଷାର ଅସଲ ଉଦେଶ୍ୟ ବୋଲି ମତ ବ୍ୟକ୍ତ କରିଥିଲେ ବିଦ୍ୟାଳୟ ର ଶିକ୍ଷକ କାଇପଦ ମଙ୍ଗରାଜ ମଲିକ ଅତିଥି ପରିଚୟ ସାଙ୍ଗକୁ ସ୍ୱାଗତ ଅଭିଭାଷଣ ରଖିଥିଲେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ଦିଆଯାଇଥିଲା ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସଂସ୍କୃତିକ କ୍ରାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥିଲା ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ନିୟତି ରାଉତ, ସ୍ୱରୂପା ମାହାପାତ୍ର, ରଶ୍ମିତା ନାୟକ, ଶୁଭସ୍ମିତା ଭଞ୍ଜ, ବିଜୟଲକ୍ଷ୍ମୀ ନାୟକ ଏବଂ ତାପସ ବିଶ୍ୱାଳ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ସର୍ବଶେଷରେ ବିଦ୍ୟାଳୟ ର କ୍ରୀଡା ଶିକ୍ଷକ ସାରସ୍ୱତ ସାହୁ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦିବ୍ୟଜ୍ୟୋତି କନଭେଣ୍ଟ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ




ବୈଶିଙ୍ଗା , ୨୩/୧୨ (ନି.ପ୍ର): ବୈଶିଙ୍ଗା ଥାନା ଅନ୍ତର୍ଗତ ସର୍ବଣାଠାରେ ଦିବ୍ୟଜ୍ୟୋତି କନଭେଣ୍ଟ ହାୟାର ସେକେଣ୍ଡରୀ ସ୍କୁଲର ବାର୍ଷିକ ଉତ୍ସବ ଅଧକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଶପ ବାଲେଶ୍ୱର ଡାୟୋଶିଶ ଭାର୍ଘସ ଥୋଉମକାରା, ସଂମାନନୀୟ ଅତିଥିଭାବେ ଦିବ୍ୟଜ୍ୟୋତି ପ୍ରଭିନ୍ସ ବାଲେଶ୍ୱରର ମୁଖ୍ୟ ମଦର ଟେସିନା, ସ୍ୱତନ୍ତ୍ର ଅତିଥିଭାବେ ବଡ଼ସାହି ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଂକ୍ ଯୋଗଦେଇଥିଲେ । ସମସ୍ତ ଅତିଥି ସମେତ ସ୍କୁଲ ଷ୍ଟାଫ୍ ସେକ୍ରେଟାରୀ ସୋମଦେବ ପାଲ ଓ ପୁର୍ଣିମା ମିଶ୍ର ଏବଂ ସ୍କୁଲ ହେଡ ବୟ ଆଶୁତୋଷ ଦାଶ ହେଡ ଗାର୍ଲସ ସ୍ତୁତିରାଣୀ ପୃଷ୍ଟି ପ୍ରଥମେ ପ୍ରଦୀପ ପ୍ରଜ୍ଜଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ । ମୁଖ୍ୟଅତିଥି ବିଦ୍ୟାଳୟ ଶୃଙ୍ଖଳା, ଉତ୍ତମ ଚରିତ୍ର ଭଳି ଭଲଗୁଣମାନ ଶିଖାଇଥାଏ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ସେହି ଶୃଙ୍ଖଳାକୁ ଜୀବନରେ ଆଚରଣ କରିବା ସହ ଲକ୍ଷ୍ୟ ସ୍ଥିର କରି ଆଗକୁ ଚାଲିଲେ ସ୍ୱପ୍ନ ସାକାର ହୋଇପାରିବେ ବୋଲି ପ୍ରକାଶ କରିଥିଲେ । ସେହିପରି ମଦର ଟେସିନା ସ୍କୁଲର ପ୍ରତ୍ୟେକ ପିଲାମାନଙ୍କୁ ଚରିତ୍ରବାନ, ରାଷ୍ଟ୍ରଭକ୍ତ, ରାଷ୍ଟ୍ରୀୟ ଶିକ୍ଷାପ୍ରାଣା କରିବାର ଲକ୍ଷ୍ୟରଖି ଶିଶୁଙ୍କ ପାଇଁ ଶିକ୍ଷା ଦେଇଥାଏ ବୋଲି କହିଥିଲେ । ତାପରେ ଗତବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଓ ବର୍ଷକ ମଧ୍ୟରେ ସ୍କୁଲରେ ଅନୁଷ୍ଠିତ ହୋଇଥିବା ସମସ୍ତ କୋକାରିକୁଲାର ଆକଟିଭିଟି ଓ କ୍ରୀଡା କ୍ଷେତ୍ରରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ଶେଷରେ ନର୍ସରୀ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀଯାଏଁ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନପ୍ରକାର ଆକର୍ଷଣୀୟ ନୃତ୍ୟ, ସଂଗୀତ ଓ ଅଭିନୟ କରି ସମସ୍ତଙ୍କ ମନକୁ ମୁଗ୍ଧ କରିଥିଲେ । ଶେଷରେ ସ୍କୁଲର ଅଧକ୍ଷା ଶିଷ୍ଟର ଶ୍ୟାନି. ଭି. ଜୋସେଫ ସମସ୍ତ ଛାତ୍ରଛାତ୍ରୀ, ଅବିଭାବକ, ଇଲେକ୍ଟ୍ରନିକସ ପ୍ରେସ ମିଡ଼ିଆ କର୍ମଚାରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଅଣଶିକ୍ଷା କର୍ମଚାରୀ ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ମିଷ୍ଟାନ୍ନ ଭଣ୍ଡାର ପାଇଁ କୁଶଳୀ କାରିଗର ଓ ଦକ୍ଷତା ଥିବା ବ୍ୟକ୍ତି ଆବଶ୍ୟକ

ସହରରେ ଥିବା ଏକ ସୁନାମଧନ୍ୟ ମିଷ୍ଟାନ୍ନ ଭଣ୍ଡାର ପାଇଁ ବିଭିନ୍ନ ଯୋଗ୍ୟତା ଥିବା ବ୍ୟକ୍ତିବିଶେଷ ଆବଶ୍ୟକ । ମିଠା ମିସ୍ତ୍ରୀ, ସେଲ୍ସ ମ୍ୟାନ, ତେଲାଇ ମିସ୍ତ୍ରୀ ଆବଶ୍ୟକ । ଯୋଗ୍ୟତା ଓ କୁଶଳତା ଅନୁଯାୟୀ ସେମାନଙ୍କର ପାରିଶ୍ରମିକ ଦିଆଯିବ । ୬ ହଜାର ଟଙ୍କାରୁ ୧୬ ହଜାର ଟଙ୍କା ପର୍ଯ୍ୟନ୍ତ ମାସିକ ବେତନ ପ୍ରଦାନ କରାଯିବ ।

ଯୋଗାଯୋଗ : ୯୬୯୩୬୫୯୪୭୩/ ୮୨୬୦୯୧୯୧୧୭

❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida